


ବାଲିଯାତ୍ରା ପଡ଼ିଆରେ ଯୁବତୀ ଯୁବକ ବ୍ରେକ୍‌ଡ୍ୟାନ୍ସ ଦୋଳିର ମଜା ନେଉଛନ୍ତି।



ବାଲିଯାତ୍ରା ପଡ଼ିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସ୍ଲୋଭାକିଆ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ସୁରେଶ, ସୋହିନୀଙ୍କ ଗୀତରେ ଦର୍ଶକ ମତୁଆଲା



କଣ୍ଠଶିଳ୍ପୀ ସୁରେଶ ୱାଡେକର, ସୋହିନୀ ମିଶ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

**କଟକ, ୨୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ବାଲିଯାତ୍ରାର ସପ୍ତମ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ବଲିଉଡ୍ କଣ୍ଠଶିଳ୍ପୀ ପଦ୍ମଶ୍ରୀ ସୁରେଶ ୱାଡେକର ମନଛୁଆଁ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ। ବିଭିନ୍ନ ଗୀତର ଜଲୱା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏ ଜିନ୍ଦଗି ଗଲେ ଲଗାଲେ ଗୀତରୁ ସୁରେଶ ସଙ୍ଗୀତ ଆରମ୍ଭ କରିଥିଲେ। ଏହା ପରେ ଦୁନିଆ ହେ ଦିଲ୍ ୱାଲୋ କି, ରାମ ତେରି ଗଙ୍ଗା ମେଲି ହୋ ଗୟୀ, ତୁମ୍ ସେ ମିଲ୍‌କେ ଭଳି ହିନ୍ଦୀ ଗୀତ ପରିବେଷଣ କରିଥିଲେ। ଏଥିସହ ମା' ତୁମେ ମମତାର ସୀମାହୀନ ସାଗର, ଶୋଇଯା ମାମା, ସିନ୍ଦୂର ମଥା ମରେ ତୋର ଭଳି ଓଡ଼ିଆ ମନଛୁଆଁ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ସେହିପରି ସୁରେଶ ଓଲିଉଡ୍ କଣ୍ଠଶିଳ୍ପୀ ସୋହିନୀ ମିଶ୍ରଙ୍କ ସହ ଅନେକ ସଙ୍ଗୀତ ପରିବେଷଣ କରିଥିଲେ। ଶୀତୁଆ ସନ୍ଧ୍ୟାରେ ମଞ୍ଚ ନିକଟରେ ଉପସ୍ଥିତ ଦର୍ଶକ ଉଭୟଙ୍କ ଗୀତରେ ଝୁମିଥିଲେ। ଅପରପକ୍ଷରେ ସ୍ଲୋଭାକିଆ ରାଷ୍ଟ୍ରର ଆଇସିସିଆର ଗ୍ରୁପର୍ କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଶାସ୍ତ୍ରମ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରାଜସ୍ଥାନୀ ନୃତ୍ୟ, ଜ୍ୟାକ୍‌ସନ୍ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅପରପକ୍ଷରେ ବାଲିଯାତ୍ରା ପଡିଆ ଅକ୍ଷୟ ମହାନ୍ତି ମଞ୍ଚରେ ବିମ୍ବନ ବ୍ୟାଣ୍ଡ ପକ୍ଷରୁ ଗୀତା ପରିବେଷଣ କରାଯାଇଥିଲା। ପରେ ଜଗତ୍‌ସିଂହପୁର ନୃତ୍ୟଧ୍ୱନି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଅଭିନୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ବିନୋଦ ବିହାରୀ କଳା ପରିଷଦ ପକ୍ଷରୁ ଗୀତିନାଟ୍ୟ, ଇଜେଡ୍‌ସିସି ପକ୍ଷରୁ ଡୋଗରୀ ନୃତ୍ୟ, ପୁରୀର ପ୍ରଶାନ୍ତି ନୃତ୍ୟ ସଙ୍ଗୀତ ପରିଷଦ ପକ୍ଷରୁ ମାହାରୀ ନୃତ୍ୟ ପରିବେଷିତ ହୋଇଥିଲା।



ଗଣକବି ବୈଷ୍ଣବ ପାଣି ମଞ୍ଚ ନିକଟରେ ଉପସ୍ଥିତ ମନ୍ତ୍ରୀ ସୁରେଶ ପୂଜାରୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ।

## ବାଲିଯାତ୍ରାର ସପ୍ତମ ଦିନ

ବାଲିଯାତ୍ରା ପଡ଼ିଆରେ ଗୁରୁବାର ପୂର୍ବାହ୍ନରେ ଲୋକଙ୍କ ଗହଳି କମ୍ ରହିଥିଲା। ହେଲେ ସନ୍ଧ୍ୟାରେ ଅସଲ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି କଟକ ଇନ୍ କଟକ, ପଲ୍ଲିଶ୍ରୀ ମେଳା ପରିସରରେ ଜନ ସମାଗମ ହୋଇଥିଲା। ଏଥିସହ ବାଲିଯାତ୍ରା ପଡିଆକୁ ନୂଆକରି ଆସିଥିବା ସୁନାମି ଓ ସିଙ୍ଗଲ ଟାୱାର ଦୋଳିରେ ବସିବାକୁ ଯୁବପିଢି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଜନସାଧାରଣ ଚାଟ୍, ଗୁପଚୁପ୍, ଠୁଙ୍କାପୁରି, ଦହିବରା, ଆଳୁଦମ୍ ଓ ଆଇସକ୍ରିମ୍ ଭଳି ଖାଦ୍ୟ ଖାଇବା ସହ ଘରସଜ୍ଜା ସାମଗ୍ରୀ କିଣିଥିଲେ।

## ରୁଚି ଫ୍ରୋଜିଟ୍ ଫୁଡ୍ ଷ୍ଟଲ୍‌ରେ ଜମୁଛି ଭିଡ଼




**ଭୁବନେଶ୍ୱର, ୨୧।୧୧(ଅନୁରାଧା ମହାରଣା)–** ବାଲିଯାତ୍ରାରେ ପୂର୍ବଭାରତର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚିର ସହଯୋଗୀ ଅନୁଷ୍ଠାନ ଫ୍ରୋଜିଟ୍ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଏକ ସୁସଜ୍ଜିତ ଓ ଭବ୍ୟ ଖାଦ୍ୟମଣ୍ଡପ ପ୍ରସ୍ତୁତ କରାଯାଇଛି। ବାଲିଯାତ୍ରା ବୁଲିବାକୁ ଜନସାଧାରଣ କିଭଳି ଭାବେ ଗୁଣାତ୍ମକ, ସ୍ୱାଦଯୁକ୍ତ ଓ ସ୍ୱାସ୍ଥ୍ୟୋପଯୋଗୀ ଖାଦ୍ୟ ସୁଲଭ ମୂଲ୍ୟରେ ପାଇବା ସହ ନିରାପଦ ସ୍ଥାନରେ ବସି ଖାଇପାରିବେ ସେଥିପ୍ରତି ଫ୍ରୋଜିଟ୍ ପକ୍ଷରୁ ଦୃଷ୍ଟି ଦିଆଯାଇଛି। ଏହି ଖାଦ୍ୟ ମଣ୍ଡପରେ ସମସ୍ତଙ୍କର ପସନ୍ଦଯୋଗ୍ୟ ଚିକେନ୍ ଓ ମଟନ୍ ବିରିୟାନି, ଭେଜ୍ ବିରିୟାନି, ସ୍ନାକ୍ସ, ଚିକେନ୍ ଲଲିପପ୍, କେକ୍, ଓଡ଼ିଶାର ପାରମ୍ପରିକ ଖାଦ୍ୟ ପୋଡପିଠା, ଖିରି, ମୃଦୁ ପାନୀୟ ଓ କଫି ଆଦି ଉପଲବ୍ଧ ରହିଛି। ଏଠାରେ ଗ୍ରାହକଙ୍କ ଆଶାନୁରୂପ ଭିଡ଼ ଦେଖିବାକୁ ମିଳୁଛି। ଓଡ଼ିଶାର ମସଲା ସମ୍ରାଟ ଡ଼ ଶରତ କୁମାର ସାହୁଙ୍କ ଆଦର୍ଶରେ ଅନୁପ୍ରାଣିତ ତାଙ୍କ ଝିଅ ତଥା ମହିଳା ଶିଳ୍ପୋଦ୍ୟୋଗୀ ରଶ୍ମି ସାହୁ ଦୀର୍ଘ ୧୫ ବର୍ଷ ଧରି ବାଲିଯାତ୍ରାରେ ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡସ୍, ପାରମ୍ପରିକ ଖାଦ୍ୟ ଯୋଗାଇ ଆସୁଛନ୍ତି।

## ମନ ମୋହିଲା ନୃତ୍ୟ, ସଙ୍ଗୀତ

ପଥୋତ୍ସବ ଅବସରରେ ବାଲିଯାତ୍ରା ପଡିଆ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନ୍ୟୁ ଷ୍ଟୁଆର୍ଟ ସ୍କୁଲର ଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ପରେ ଜାଭିୟର୍ସ ସ୍କୁଲର ଛାତ୍ରୀ ପ୍ରଜ୍ଞାନୀ ମିଶ୍ରଙ୍କ ବଂଶୀ ବାଦନ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଏଥିସହ ବାରବାଟୀ ଯୋଗ ଆସୋସିଏଶନ ପକ୍ଷରୁ ଯୋଗ ପ୍ରଦର୍ଶନ, ପ୍ରୟାସ ନୃତ୍ୟଶାଳା ପକ୍ଷରୁ ଲୋକକଳା, ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଡିଭାଇନ ପବ୍ଲିକ ସ୍କୁଲ ଛାତ୍ରୀଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି କଣ୍ଠଶିଳ୍ପୀ ରାଜେଶ କୁମାର ଏବଂ ଗ୍ରୁପ୍ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ପରିବେଷଣ, ସୁର୍ ସାଗର ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ନୃତ୍ୟ ଓ ସଙ୍ଗୀତରେ ମଞ୍ଚ ନିକଟରେ ଉପସ୍ଥିତ ଥିବା ଦର୍ଶକ ଝୁମିଥିଲେ। ଉପଜିଲାପାଳ ଜ୍ୟୋତ୍ସ୍ନା ନାୟକ, ଶିକ୍ଷାବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ଗୀତାଞ୍ଜଳି ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## କାଠ ତିଆରି ୱାଲ୍ ଫ୍ରେମ୍

ବାଲିଯାତ୍ରା ଷ୍ଟଲରେ ବିକ୍ରି ହେଉଛି କାଠରେ ତିଆରି ୱାଲ୍ ଫ୍ରେମ୍। ଆସାମର କ୍ରିଷ୍ଣାକାନ୍ତ ରାଏ ଏହାକୁ ବିକ୍ରି କରିବା ପାଇଁ ବାଲିଯାତ୍ରାକୁ ଆସିଛନ୍ତି। ବାମ୍ବୁ ୱାଲ ହ୍ୟାଙ୍ଗିଂ ସମ୍ପୂର୍ଣ୍ଣ ଭାବେ କାଠରେ ତିଆରି ରହିଛି। ସେହିପରି ଚା' କପ୍, ଗ୍ଲାସ, ଗଣେଶ ଓ ଫୁଲର ୱାଲ୍ ହ୍ୟାଙ୍ଗିଂ ଆଦି ରହିଛି। ଏହାର ଦାମ୍ ୨୫୦ ଟଙ୍କାରୁ ଆରମ୍ଭ ହୋଇ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଘରସଜ୍ଜାରେ ବ୍ୟବହୃତ ଏହି ସାମଗ୍ରୀର ବେଶ୍ ଚାହିଦା ରହିଛି। ଲୋକମାନେ ମଧ ଏହାକୁ କିଣିବା ପାଇଁ ପସନ୍ଦ କରୁଛନ୍ତି।

## ଷ୍ଟଲ୍‌ରେ ଚଢ଼ାଉ, ୩ କୁଇଣ୍ଟାଲ ଖାଦ୍ୟ ନଷ୍ଟ

ବାଲିଯାତ୍ରା ପଡିଆର ବିଭିନ୍ନ ଷ୍ଟଲରେ ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଅଧିକାଂଶ ଷ୍ଟଲରେ ଖାଦ୍ୟର ମାନ ଠିକ୍ ନ ଥିବା ଜଣାପଡିଥିଲା। ଫଳରେ ୩ କୁଇଣ୍ଟାଲରୁ ଅଧିକ ବାସି ଓ ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହ ଗୋଟିଏ ଦୋକାନ ସିଲ୍ କରାଯାଇ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ବାସି କିମ୍ବା ରଙ୍ଗମିଶା ଖାଦ୍ୟ ବିକ୍ରି ନ କରିବାକୁ ବ୍ୟବସାୟୀଙ୍କୁ ସତର୍କ କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।



## ଆକର୍ଷିତ କରୁଛି ପଟଚିତ୍ର

କାଠ ଫ୍ରେମ୍‌ରେ ରହିଛି ପଟଚିତ୍ର। ସେଥିମଧରେ ମହାରାସ, କୁଞ୍ଜରାସ ଓ ବର୍ଷାରାସ ଆଦି କଳାକୃତି ସ୍ଥାନ ପାଇଛି। ଏହି ତିନୋଟି ପଟଚିତ୍ର ଦର ୬୦୦୦ ଟଙ୍କା ଲେଖାଏ ରହିଛି। ଖୋର୍ଦ୍ଧାର ବ୍ୟବସାୟୀ ତ୍ରିଲୋଚନ ସାହୁ ଏହାକୁ ବିକ୍ରି କରିବା ପାଇଁ ବାଲିଯାତ୍ରାକୁ ଆଣିଛନ୍ତି। ଏଥିରେ ରାଧାକୃଷ୍ଣଙ୍କ ଚିତ୍ର ଥିବାରୁ ଗ୍ରାହକଙ୍କୁ ଅଧିକ ଆକର୍ଷିତ କରିପାରିଛି।

# ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

**କଟକ,୨୧।୧୧ (କାର୍ତ୍ତିକ ସାହୁ):** କଟକ ମଣି ସାହୁ ଛକରେ ଥିବା ବିଦ୍ୟୁତ୍ ସରଞ୍ଜାମ ମରାମତି ଦୋକାନରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁ ପରିମାଣର ବିଦ୍ୟୁତ୍ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଉକ୍ତ ଦୋକାନରେ ଟିଭି, ଫ୍ରିଜ୍, ୱାଶିଂ ମେଶିନ, କୁଲର ଭଳି ବୈଦ୍ୟୁତିକ ସାମଗ୍ରୀ ମହଜୁଦ ଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ହଠାତ୍ ଦୋକାନ ଭିତରୁ ଧୂଆଁ ବାହାରିଥିଲା। ପରେ ନିଆଁ ହୁତୁହୁତୁ ହୋଇ ଜଳି ଉଠିଥିଲା। ଖବରପାଇ ବକ୍ସିବଜାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସାମଗ୍ରୀର ପ୍ଲାଷ୍ଟିକ ଓ ଫାଇବର କଭରଗୁଡିକ ତରଳି ଯାଇଥିବାରୁ କ୍ଷୟକ୍ଷତି ଆକଳନ ପ୍ରକ୍ରିୟାରେ ବିଳମ୍ବ ହୋଇଛି । ତେବେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ଦୁର୍ନୀତି ଅଭିଯୋଗର ତଦନ୍ତ କଲା ୬ ଜଣିଆ ଟିମ୍

## ଚୌଦ୍ୱାର ପୌରପାଳିକା

**ଚୌଦ୍ୱାର,୨୧।୧୧(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକାର ବିଭିନ୍ନ କାର୍ଯ୍ୟରେ ଅନେକ ସମୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସୂଚନା ଅଧିକାର କର୍ମୀ ମନୋଜ କୁମାର ସାହୁ ଗତବର୍ଷ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ତଥ୍ୟ ସଂଗ୍ରହ କରି ଲୋକାୟୁକ୍ତଙ୍କୁ ଜଣାଇଥିଲେ। ସେହିପରି ଚୌଦ୍ୱାର ଅଞ୍ଚଳବାସୀଙ୍କ ପକ୍ଷରୁ ମଧ ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ପତ୍ର ଲେଖାଯାଇଥିଲା। ରାଜ୍ୟପାଳ ଏହାର ତଦନ୍ତ ପାଇଁ ଜିଲା ସହରାଞ୍ଚଳ ଉନ୍ନୟନ ବିଭାଗ(ଡୁଡା)କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଗୁରୁବାର ୬ ଜଣିଆ ଟିମ୍ ଚୌଦ୍ୱାର ପୌରପାଳିକାରେ ପହଞ୍ଚି ତଦନ୍ତ କରିଛି। କରୋନା ସମୟରେ ବୁଲାଗୋରୁଙ୍କ ପାଇଁ କିଣାଯାଇଥିବା ଖାଦ୍ୟ, ବିଜୁ ଯୁବବାହିନୀ ଓ କ୍ଲବ୍‌ଗୁଡିକୁ ସଶକ୍ତିକରଣ କରିବା ନିମନ୍ତେ ଖେଳ ଉପକରଣ ବଣ୍ଟନ, କ୍ୱାରେନଟାଇନରେ ରହିବା ପାଇଁ କିଣାଯାଇଥିବା ଖଟିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ଅନିୟମିତତା, ଜାଗାମିଶନ, ହୋଲ୍ଡିଂ ଟିକସ, ରାଶନ ସାମଗ୍ରୀ ହରିଲୁଟ୍, ସ୍ୱଚ୍ଛଭାରତ ଆଦି ଯୋଜନାରେ ବହୁ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଆର୍‌ଟିଆଇ ଜରିଆରେ ମନୋଜ ତଥ୍ୟ ହାସଲ କରିଥିଲେ। ଏହି ତଥ୍ୟ ଆଧାରରେ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଡୁଡା ପକ୍ଷରୁ ଆଠଗଡ ପୌରନିର୍ବାହୀ ଅଧିକାରୀ ପ୍ରଦୀପ ସାହା, ବାଙ୍କୀ ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଅକ୍ଷୟ କୁମାର ମିଶ୍ର, ସଞ୍ଜୟ କୁମାର ସାମନ୍ତ ଓ ନୀହାର ରଞ୍ଜନ ନାୟକ ପ୍ରମୁଖ ଚୌଦ୍ୱାର ପୌରପାଳିକାରେ ପହଞ୍ଚି ବିଭିନ୍ନ ବିଭାଗର ଫାଇଲ ଯାଞ୍ଚ କରିବା ସହିତ ବିଭାଗୀ ଅଧିକାରୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି । ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରୀ ରହିବ ବୋଲି ଡୁଡାର ଅଧିକାରୀଙ୍କ ପକ୍ଷରୁ ଜଣାପଡିଛି।

# 'ଦେଶରେ ଓଡ଼ିଆ ନେତାଙ୍କ ଜୟନ୍ତୀ ପାଳନ ଗର୍ବର ବିଷୟ'

## ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜିଲାସ୍ତରୀୟ ଜୟନ୍ତୀ

**କଟକ,୨୧।୧୧ (କାର୍ତ୍ତିକ ସାହୁ)**

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜିଲାସ୍ତରୀୟ ଜୟନ୍ତୀ କଟକ ପ୍ରେସ୍‌ଛକସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି, ଦେଶରେ ଜଣେ ଓଡ଼ିଆ ନେତାଙ୍କର ଜୟନ୍ତୀ ଉତ୍ସବ ପାଳନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଅସ୍ମିତାକୁ ବଞ୍ଚେଇ ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ପାଳନ ମାଧ୍ୟମରେ ଉତ୍ତର ପିଢ଼ିକୁ ପୂର୍ବପୁରୁଷଙ୍କ ବିଷୟରେ ଅବଗତ କରାଇପାରିଲେ ଜୟନ୍ତୀ ପାଳନ ସାର୍ଥକ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଡ. ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଡ. ମହତାବଙ୍କ କଥା ଓ କାର୍ଯ୍ୟ ମଧ୍ୟରେ ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲା। ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ନୂତନ ଓଡ଼ିଶା ନିର୍ମାଣରେ ଡ. ମହତାବଙ୍କ ଅବଦାନ ଅତୁଳନୀୟ। ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ଡ. ମହତାବଙ୍କ ଆବିର୍ଭାବ ଓଡ଼ିଶା ଜାତୀୟ ଜୀବନରେ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା। ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ସ୍ୱାଧୀନତା ପାଇଁ ଡ. ମହତାବ କଲେଜ ପଢ଼ା ଛାଡ଼ି ଗାନ୍ଧୀଜୀଙ୍କ ଡାକରାରେ ଉଦ୍‌ବୁଦ୍ଧ ହୋଇଥିଲେ। ଅପରପକ୍ଷରେ ଡ. ମହତାବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ପରିବର୍ତ୍ତନ ଦିଗରେ କାର୍ଯ୍ୟ କରିବାକୁ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଆହ୍ୱାନ ଦେଇଥିଲେ। କର୍ପୋରେଟର ସନ୍ତୋଷ କୁମାର ଭୋଳ, ବିଶେଷ ଅତିଥି ନୟନ କିଶୋର ମହାନ୍ତି ପ୍ରମୁଖ ମହତାବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସଭା ପରିଚାଳନା କରିଥିଲେ। ଡ. ମହତାବ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଦେଇଥିଲେ।



କଟକ ଖପୁରିଆ ଛକରେ ଥିବା ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟମାନେ।

**କାଠ ବୋଝେଇ ଗାଡ଼ି ଜବତ**

ଅସ୍ତରଙ୍ଗ/ଯୋଗେଶ୍ୱରପୁର,(ପ୍ରଦୀପ୍ତ କୁମାର ଦୀକ୍ଷିତ/ରଶ୍ମିରଞ୍ଜନ ସାହୁ)- ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ଅସ୍ତରଙ୍ଗ ମୁଖ୍ୟରାସ୍ତା ତୁଳସୀପୁର ନିକଟରୁ ଅସ୍ତରଙ୍ଗ ବନ ବିଭାଗ ଗୁରୁବାର ଏକ କାଠ ବୋଝେଇ ଗାଡ଼ି (ଓଡି ୦୨ଏଭି ୬୩୬୫) ଜବତ କରିଛି। ଅସ୍ତରଙ୍ଗରୁ ଏକ ଗାଡ଼ିରେ କାଠ ଚୋରାଚାଲାଣ ହେଉଥିବା ଖବରପାଇ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ଓ ବନପାଳ ବବୁଲ ମଲ୍ଲିକ ତୁଳସୀପୁର ନିକଟରେ ଗାଡ଼ିକୁ ଅଟାଇ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।




୨୧।୧୧।୨୦୨୪

| | |
|---|---|
| ୩,୯୯,୬୮୯ ଟଙ୍କା | |
| ସୁନା | ୧୧.୩୦୦ ଗ୍ରାମ୍ |
| ରୁପା | ୨୭.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ୨୩ରେ ନାଭାଲ ବ୍ୟାଣ୍ଡ କନସର୍ଟ

ପୁରୀ, ୨୧।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଟାଉନ ହଲରେ ଚଳିତ ମାସ ୨୩ ତାରିଖ ଅପରାହ୍ନ ୪ଟାରେ ନାଭାଲ ବ୍ୟାଣ୍ଡ କନସର୍ଟ ଅନୁଷ୍ଠିତ ହେବ। ନୌସେନାରେ ବ୍ୟାଣ୍ଡ ଦାୟିତ୍ୱରେ ଥିବା ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ଏହି କନସର୍ଟ ବା ବାଦ୍ୟ ବିଚିତ୍ରା ପରିବେଷଣ କରାଯିବ ବୋଲି ନୌସେନା ପକ୍ଷରୁ ସୂଚନା ଦିଆଯାଇଛି।

### ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଥାନାରେ ଅଭିଯୋଗ

ସାକ୍ଷୀଗୋପାଳ,୨୧।୧୧
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧକ୍ଷଙ୍କୁ ୨% ପିସି ନ ଦେବାରୁ ବିଲ୍ ପାସ୍ ହେଉନି। ୭ଦିନ ମଧ୍ୟରେ ବିଲ୍ ପାସ୍ ନ ହେଲେ ବ୍ଲକ ଅଫିସରେ ତାଲା ପଡ଼ିବ ଏବଂ ଏଥିପାଇଁ ବିଡିଓ ଦାୟୀ ରହିବେ। ଗୁରୁବାର ସନ୍ଧ୍ୟାରେ ସୋସିଆଲ ମିଡିଆରେ ସତ୍ୟବାଦୀ ବ୍ଲକ ଅଧୀନ ମୂଳଅଳସା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନ ଏଭଳି ଏକ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ପୂର୍ବତନ ସରପଞ୍ଚ ପ୍ରଧାନ ସତ୍ୟବାଦୀ ବ୍ଲକ ଅଧକ୍ଷଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ପିସି ପୋଷ୍ଟକୁ ନେଇ ବ୍ଲକ ଅଧକ୍ଷ ପଣ୍ଡା ତାଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିବା ନେଇ ପୂର୍ବତନ ସରପଞ୍ଚ ପ୍ରଧାନ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

### ପିମ୍ପୁଡ଼ି ଆତଙ୍କ ଘଟଣାର ତଦନ୍ତ କଲା ପ୍ରଶାସନ

ବଳଙ୍ଗା,୨୧।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ସାହାଡ଼ାପଡ଼ା ଗ୍ରାମରେ ନାଲି ପିମ୍ପୁଡ଼ି ଆତଙ୍କ ଘଟଣାରେ ପ୍ରଶାସନ ପକ୍ଷରୁ ଗୁରୁବାର ତନାଘନା ଆରମ୍ଭ ହୋଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଜିତ୍ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବିଭାଗ, ବଳଙ୍ଗା ପ୍ରାଣୀ ସମ୍ପଦ ଅଧିକାରୀ ଉମାଶଙ୍କର ମିଶ୍ର, ବଳଙ୍ଗା ସରକାରୀ ଡାକ୍ତରଖାନା କର୍ମଚାରୀ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସମ୍ପୃକ୍ତ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କଠାରୁ ପିମ୍ପୁଡ଼ି ସମ୍ପର୍କରେ ପଚାରି ବୁଝିଥିଲେ। ଟିମ୍ ସହ ବିଭାଗ ଅଧିକାରୀ ଗ୍ରାମର ଲତା, ବୁଦାମୂଳରେ ପିମ୍ପୁଡ଼ିଙ୍କ ସ୍ଥିତି ପରଖିଥିଲେ। ଖୁବ୍‌ଶୀଘ୍ର ପିମ୍ପୁଡ଼ି ଦମନ ଲାଗି ତ୍ୱରିତ ପଦକ୍ଷେପ ଓ ଗ୍ରାମରେ ସାନିଟାଇଜ୍ କରାଯିବ ବୋଲି ଷଡ଼ଙ୍ଗୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୁରେଶ ମଙ୍ଗରାଜ, ଆଶା, ଅଙ୍ଗନୱାଡ଼ି କର୍ମଚାରୀ ଉପସ୍ଥିତ ଥିଲେ।

# ଆମ ସଂସ୍କୃତିରେ ପ୍ରାଣୀସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ପୁରୀ, ୨୧।୧୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦରେ ଆଗ୍ରହ ରଖୁଥିବା ଚାଷୀଙ୍କ ଉନ୍ନତି ଓ ଆର୍ଥିକ ସମୃଦ୍ଧି ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ଓ ବ୍ୟବସ୍ଥା ବିଷୟରେ ହିତାଧିକାରୀଙ୍କୁ ସଚେତନ କରାଇବା ଏଭଳି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଗୁରୁବାର ଶରଧାବାଲିଠାରେ ଜିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ମେଳାକୁ ଉଦ୍‌ଘାଟନ କରି ରାଜ୍ୟସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ କହିଛନ୍ତି। ଆମ ସଂସ୍କୃତିରେ ପ୍ରାଣୀସମ୍ପଦର ଅବଦାନ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତୃଣମୂଳ ସ୍ତରରେ ଯୋଜନା ପହଞ୍ଚିଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ। ତେଣୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉତ୍ତରଦାୟୀ ଭାବେ ଯୋଜନାର ସଫଳତା ପାଇଁ କାର୍ଯ୍ୟ କରିବାକୁ ଖୁଣ୍ଟିଆ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, କୃଷକଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ପ୍ରଶାସନ ତତ୍ପର ଅଛି। ଲୋକଙ୍କ ଆଗ୍ରହକୁ ଦେଖି ସେମାନଙ୍କ ଉପଯୋଗୀ ଯୋଜନା ଉପଲବ୍ଧ କରାଇବା ସହ ସେମାନଙ୍କୁ ଉପଯୁକ୍ତ ସହାୟତା ଓ ପରାମର୍ଶ ଦେବା ଆବଶ୍ୟକ। ଏହି ମେଳା ପ୍ରତ୍ୟେକଙ୍କୁ ସଚେତନ କରାଇବାରେ ସହାୟକ ହେବ ବୋଲି ସେ କହିଥିଲେ। ପରେ ବିଭିନ୍ନ ବ୍ଲକରୁ ଆସିଥିବା ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରଯାଇଥିଲା। ଏଥିରେ ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶରତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି ମେଳାକୁ ଅତିଥିମାନେ ପରିଦର୍ଶନ କରିଥିଲେ। ମେଳାରେ ୩୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଥିବାବେଳେ ଜୀବନ୍ତ ଭାବେ ବିଭିନ୍ନ ପ୍ରଜାତିର ଗାଈ, ଛେଳି, କୁକୁଡ଼ା, ବତକ, ମାଛ ଇତ୍ୟାଦି ପ୍ରଦର୍ଶିତ ହେଉଛି। ମେଳା ଆୟୋଜନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।


ଜଣେ ସଫଳ ମହିଳା ଚାଷୀ ତଥା ଉଦ୍ୟୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।


ପୁରୀ ଖୁଣ୍ଟିଆ ଜାଗା ପରିସରରେ ଆୟୋଜିତ ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତାର ପୁରସ୍କୃତ ଖେଳାଳିମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ବିଜ୍ଞାନ ବିନା ମାନବ ସମାଜର ଅଗ୍ରଗତି ଅସମ୍ଭବ




ଅସ୍ତରଙ୍ଗ,୨୧।୧୧
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଉକୁଳେଇସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଅଷ୍ଟମ ବାର୍ଷିକ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ପ୍ରମୋଦ ନାୟକ, ବିଚାରକ ମଣ୍ଡଳୀ ରବୀନ୍ଦ୍ର ସାମନ୍ତରାୟ, ଅରୁଣ ମହାନ୍ତି, ସମ୍ପାଦକ ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରଞ୍ଜନ ନାଏକ ସଭା ପରିଚାଳନା କରିଥିଲେ। ବିଜ୍ଞାନ ବିନା ମାନବ ସମାଜର ଅଗ୍ରଗତି ଅସମ୍ଭବ। ଏଣୁ ଛାତ୍ରୀଛାତ୍ର ବିଜ୍ଞାନ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ମେଳାରେ ମୋଟ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ୩ ପ୍ରକଳ୍ପ ମନୋନୀତ ହୋଇଛି। ବିଦ୍ୟାଳୟର ଗୁରୁମା’ ଗୁରୁଜୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଆହତ

କଣାସ,୨୧।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଧୀନ ନୂଆପଡ଼ା ଗ୍ରାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁବାର ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଆହତ ହୋଇଛନ୍ତି। କଣାସ ବ୍ଲକ ତ୍ରିଲୋଚନପୁର ଚାନ୍ଦପଡ଼ା ଗ୍ରାମର ଶିକ୍ଷକ ପ୍ରଭାକର ଜେନା ସ୍ତ୍ରୀ ସୁକାନ୍ତି ଜେନାଙ୍କ ସହ ବାଇକ୍ ଯୋଗେ କଣାସ ବଜାରକୁ ଯାଉଥିଲେ। ନୂଆପଡ଼ା ଗ୍ରାମ ନିକଟରେ ଏକ ବାଛୁରୀକୁ ଗାଡ଼ି ଧକ୍କା ହେବାରୁ ସ୍ୱାମୀ, ସ୍ତ୍ରୀ ତଳେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୁକାନ୍ତିଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଏଟିଏମ୍ ଜଗୁନାହାନ୍ତି ଗାର୍ଡ, ଚାଲୁନି ସିସିଟିଭି

ଯୋଗେଶ୍ୱରପୁର,୨୧।୧୧
(ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲା ନୟାହାଟ ବଜାର ଓ ଜହ୍ନିମାଳିୟା ଛକରେ ଥିବା ଏଟିଏମ୍ ମୁକୁଳା ପଡ଼ିଛି। କୌଣସି ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡ ରହୁନାହାନ୍ତି। ଫଳରେ ଏଟିଏମ୍ ଓ ଗ୍ରାହକଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିଛି ଏଟିଏମ୍‌ରେ ସିସି ଟିଭି ନ ଥିବାବେଳେ ଆଉ କିଛି ଏଟିଏମ୍‌ରେ ଥିଲେ ମଧ୍ୟ ତାହା ଅଚଳ ହୋଇଯାଇଛି। ଫଳରେ ଗ୍ରାହକ ଟଙ୍କା ଉଠାଇବାବେଳେ ସୁରକ୍ଷିତ ମନେ କରୁନାହାନ୍ତି। ବିଶେଷ କରି ରାତି ସମୟରେ ବରିଷ୍ଠ ନାଗରିକ ମାନେ ଟଙ୍କା ଉଠାଣ କରିବାକୁ ଭୟ କରୁଛନ୍ତି। କିଛି ମାସ ତଳେ ନୟାହାଟ ବଜାରରେ ଥିବା ଏଟିଏମ୍‌ରେ ଗାର୍ଡ ନ ଥିବାରୁ ଟଙ୍କା ବ୍ୟାଟେରି ଆଦି ଚୋରି ହୋଇଥିଲା। ଏହାପରେ ବି କୌଣସି ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡଙ୍କ ନିଯୁକ୍ତ ଦେଖିବାକୁ ମିଳୁନି। ଲୋକମାନଙ୍କ ନିରାପଦ ଦୃଷ୍ଟିରୁ ଏଟିଏମ୍‌ଗୁଡ଼ିକରେ ଗାର୍ଡଙ୍କ ନିଯୁକ୍ତି ପାଇଁ ଧୂମାଳ ସରପଞ୍ଚ ମୋନାଲିସା ସିଂହ ଦାବି କରିଛନ୍ତି।

# କୋଣାର୍କ ଉତ୍ସବ ପ୍ରସ୍ତୁତି ଅନୁଧ୍ୟାନ କଲେ ପ୍ରକଳ୍ପ ନିର୍ଦ୍ଦେଶକ

କୋଣାର୍କ, ୨୧।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉତ୍ସବ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଗୁରୁବାର ପୂର୍ବାହ୍ନରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟରଞ୍ଜନ ପୃଷ୍ଟି ଚନ୍ଦ୍ରଭାଗା ବେଳାଭୂମି, ହେଲିପ୍ୟାଡ୍ ଓ ମୁକ୍ତାକାଶ ରଙ୍ଗମଞ୍ଚରେ ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବାଲୁକା କଳା ପାଇଁ ବେଳାଭୂମିରେ ମେସିନ ସାହାଯ୍ୟରେ ବାଲି ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତବର୍ଷ ବାଲୁକା କଳାରେ ରୁଷ, ଆମେରିକା, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ସମେତ ଆସାମ, ଆନ୍ଧ୍ର, ତେଲଙ୍ଗାନା, ତାମିଲନାଡୁ, ଗୁଜରାଟ, ବିହାର ଆଦି ରାଜ୍ୟରୁ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ। ବିଭିନ୍ନ ପ୍ରସଙ୍ଗରେ ପ୍ରତିଯୋଗୀଙ୍କ କଳାକୃତି ପ୍ରଦର୍ଶିତ ହେବ। ସେହିପରି ଯାନବାହନ ପାର୍କିଂ ନିମନ୍ତେ ଏଏସ୍‌ଆଇ ପାର୍କିଂସ୍ଥଳ, ଯାତ୍ରୀ ନିବାସ ମରାମତି, ମୁକ୍ତାକାଶ ରଙ୍ଗମଞ୍ଚ ସଫେଇ ଓ ପାଚେରି ରଙ୍ଗ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଗୋପ ବିଡିଓ ଛବିରାଣୀ ସାହୁ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା, ବିଜେଡି ପକ୍ଷରୁ ଥାନାରେ ଅଭିଯୋଗ

## ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟରେ ତାଲା ପକାଯିବା ଘଟଣା

ସାକ୍ଷୀଗୋପାଳ,୨୧।୧୧
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ପରଜାପଡ଼ା ପଞ୍ଚାୟତର ଶ୍ରୀରାଧା ନଡ଼ିଆ ଟେଲ କ୍ଲଷ୍ଟରରୁ ବିଦ୍ୟୁତ୍ ସଂଯୋଗ କାଟିଦିଆଯିବା ଅଭିଯୋଗରେ ୫୦ରୁ ଊର୍ଦ୍ଧ୍ୱ ମହିଳା ବୁଧବାର ସାକ୍ଷୀଗୋପାଳ ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ବିଜେଡିପକ୍ଷରୁ ପୂର୍ବତନ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ୩ ଘଣ୍ଟାରୁ ଊର୍ଦ୍ଧ୍ୱସମୟ ଆନ୍ଦୋଳନ ଫଳରେ ସେଠାରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦିଆଯାଇଥିଲା। ଆନ୍ଦୋଳନ ଯୋଗୁ ଲକ୍ଷାଧିକ ବିଦ୍ୟୁତ୍ ଉପଭୋକ୍ତା ହଇରାଣ ହେବା ସହ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟ ବ୍ୟାହତ ହୋଇଥିଲା। ଏହି ଘଟଣାର ତଦନ୍ତ ଦାବିରେ ସ୍ଥାନୀୟ ଭାଜପା ପକ୍ଷରୁ ତ୍ରିଲୋଚନ ରଥ, ପୂର୍ବତନ ସରପଞ୍ଚ ଶଙ୍କର ପ୍ରଧାନ, ଅଶୋକ ରାଉତରାୟ, ମଣ୍ଡଳ ସଭାପତି ଉମେଶ ପ୍ରଧାନ ପ୍ରମୁଖ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ବିଜେଡି ପକ୍ଷରୁ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ସୁବାସ ପ୍ରଧାନ, ପ୍ରକାଶ ଚନ୍ଦ୍ର ଖଟୋଇ ଓ ପ୍ରଭାକର ପଣ୍ଡା ପ୍ରମୁଖ ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ କରିଥିଲେ। ଭାଜପା କର୍ମୀମାନେ ଆନ୍ଦୋଳନକାରୀଙ୍କୁ ଦୁର୍ବ୍ୟବହାର କରିବା ସହ ପୂର୍ବତନ ବିଧାୟକ ସାମନ୍ତରାୟ ଓ ସତ୍ୟବାଦୀ ବ୍ଲକ ଅଧକ୍ଷ ପଣ୍ଡାଙ୍କ ନାମରେ ମିଥ୍ୟା ଅଭିଯୋଗ ଦେଇଥିବା ବିଜେଡି ପକ୍ଷରୁ ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି, ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ।

# ପିପିଲି ମିଡିଆ ୟୁନିୟନର ସମୀକ୍ଷା ବୈଠକ

ପିପିଲି,୨୧।୧୧
(ପ୍ରଭାତ କୁମାର ମହାପାତ୍ର)

ଜାତୀୟ ପ୍ରେସ୍ ଦିବସ ବର୍ଣ୍ଣାଢ୍ୟ ସମାରୋହର ସଫଳତା ନେଇ ପିପିଲି ମିଡିଆ ୟୁନିୟନ ପକ୍ଷରୁ ଗୁରୁବାର ଏକ ସମୀକ୍ଷା ବୈଠକ ଦାଣ୍ଡମୁକୁନ୍ଦପୁର ନିକଟ ଉତ୍ତରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୟୁନିୟନର ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ସଭାପତି ମନୋରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ଦେବାଶିଷ ସିଂରାୟନ ଯୋଗଦେଇ ପାଳିତ ହୋଇଯାଇଥିବା ଜାତୀୟ ପ୍ରେସ୍ ଦିବସର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସମସ୍ତ ସଭ୍ୟଙ୍କ ଦୃଢ଼ ସଂକଳ୍ପ ଓ ନିଷ୍ଠାପର କାର୍ଯ୍ୟ ଯୋଗୁ ଜାତୀୟ ପ୍ରେସ୍ ଦିବସ ସଫଳତାର ଶୀର୍ଷରେ ପହଞ୍ଚିଥିବା ନେଇ ଉପସଭାପତି ବାଲୁଙ୍କେଶ୍ୱର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପିପିଲି ମିଡିଆ ୟୁନିୟନ କୋଷାଧକ୍ଷ ସୁରେଶ କୁମାର ମହାନ୍ତିଙ୍କ ସହ ୨୪ ଜଣ ସଦସ୍ୟ ଯୋଗଦେଇ ନିଜ ମତାମତ ରଖିଥିଲେ। ସଙ୍ଗଠନ ସହ ସମ୍ପାଦକ ସଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ପିପିଲି,୨୧।୧୧(ପ୍ରଭାତ କୁମାର ମହାପାତ୍ର)

ପିପିଲି ଦାଣ୍ଡମୁକୁନ୍ଦପୁର ନିକଟସ୍ଥ ପୀତବାସ ୟୁଜିୟୁପି ବିଦ୍ୟାଳୟ ପରିସରରେ ଏକ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମୋଟ ୪୦ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ତନ୍ମଧ୍ୟରୁ ୪ଟି ପ୍ରକଳ୍ପ ମଣ୍ଡଳସ୍ତରକୁ ମନୋନୀତ ହୋଇଛି। ମୁଖ୍ୟ ଅତିଥି ଭାବେ ମେଳାରେ ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ରମେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ଚିନ୍ତାଧାରା ଓ ଅନୁସନ୍ଧାନ ମନୋବୃତ୍ତିର ଅଭିବୃଦ୍ଧି ହୋଇଥାଏ ବୋଲି ମୁଖ୍ୟ ଅତିଥି ମିଶ୍ର ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମେଶ କୁମାର ପତି ଏଥିରେ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ, ସୁଶାନ୍ତ ରଥ, ସଂଯୁକ୍ତା ମହାପାତ୍ର, ମହାଦେବ ମିଶ୍ର, ପୁଷ୍ପାରାଣୀ ମହାପାତ୍ର, ଦୀପ୍ତିମୟୀ ଦାସ, ଶୁଭସ୍ମିତା ଷଡ଼ଙ୍ଗୀ, ଚୌଧୁରୀ ପ୍ରିୟଦର୍ଶୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଏକ ସୁନ୍ଦର ନୃତ୍ୟ ‘ବିଜ୍ଞାନର ଜୟଗାନ’ ପରିବେଷଣ କରିଥିଲେ।

# ମହାଲେଖାକାର କାର୍ଯ୍ୟାଳୟ ପୁରୀ ଶାଖା ପକ୍ଷରୁ ଅଡିଟ୍ ସପ୍ତାହ ପାଳିତ

ପୁରୀ, ୨୧।୧୧(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ପୁରୀ ଶାଖା ପକ୍ଷରୁ ଅଡିଟ୍ ସପ୍ତାହ ବୁଧବାର କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନ ମହାଲେଖାକାର (ଅଡିଟ) ରାଜକୁମାର, ପ୍ରଧାନ ମହାଲେଖାକାର ଡି. ସାହୁ, ପୂର୍ବତଟ ରେଳବାଇ ପ୍ରଧାନ ନିର୍ଦ୍ଦେଶକ ଏ.ଏଫ୍. ଡୁଙ୍ଗଡୁଙ୍ଗ, ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ, ରାଧିକା ସୁରେଶ ଯୋଗଦେଇଥିଲେ। ଉପମହାଲେଖାକାର ସଞ୍ଜୟ କୁମାର, ଭୀମଲେଶ କୁମାର, ବିକାଶ କୁମାର, ଏନ୍. ବାଲକ୍ରିଷ୍ଣା, ସଚିନ କୌଶିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପେଣ୍ଟକଟା କଲୋନୀରେ ପ୍ରଧାନ ମହାଲେଖାକାର ଦ୍ୱୟ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୁରୀ କାର୍ଯ୍ୟାଳୟର କର୍ମଚାରୀମାନେ କଠିନ ପରିଶ୍ରମ କରି ଭଲ ଅଡିଟ ରିପୋର୍ଟ ଦେଉଛନ୍ତି, ଫଳରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ମନରେ ଛନକା ପଶିବା ସହ ଦୁର୍ନୀତି କମୁଛି ବୋଲି ପ୍ରଧାନ ମହାଲେଖାକାର ରାଜ କୁମାର କହିଥିଲେ। ପ୍ରଧାନ ମହାଲେଖାକାର ସାହୁ କହିଥିଲେ, ଆଗାମୀ ଦିନରେ ଜନ ଅଡିଟ ଉପରେ ଗୁରୁତ୍ୱ ଦିଆଯିବ ଓ ଏଥିପାଇଁ ଜନସାଧାରଣଙ୍କୁ ସଚେତନ କରାଯିବ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପମହାଲେଖାକାର ରାଧିକା ସୁରେଶ ଧନ୍ୟବାଦ ଦେଇଥିଲେ। ବ୍ଲୁ ଫ୍ଲାଗ୍ ବିଚ୍‌ରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ତାଙ୍କ ଟିମ୍ ଦ୍ୱାରା ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ନୀଳାଦ୍ରି ବେଳାଭୂମି ସଫେଇ କରାଯାଇଥିଲା।

# ‘ଶିଶୁମାନେ ପ୍ରଲୋଭନର ବଶବର୍ତ୍ତୀ ହୁଅନ୍ତୁ ନାହିଁ’

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ‘ଶିଶୁ ସମାଚାର’ ପକ୍ଷରୁ ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ଉତ୍କଳ ବିଦ୍ୱତ ପରିଷଦର ସଭାପତି ମନୋଜ ରଥଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ଶିଶୁମାନେ ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ସତର୍କ ଓ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ, ସରକାରୀ ପଲିଟେକ୍‌ନିକ ଅଧକ୍ଷ ବିଭୂତି ଭୂଷଣ ନାୟକ, ମେକାନିକାଲ ବିଭାଗ ମୁଖ୍ୟ ଲୋକନାଥ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଯୋଗଦେଇ ଶିଶୁଙ୍କ ବିଭିନ୍ନ ସମସ୍ୟା ଓ ସମାଧାନର ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ‘ନିଶା କବଳରେ ଶିଶୁ’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ୩୦ ଶିଶୁ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ କନିଷ୍ଠ ବିଭାଗରେ ପୁରୀ ମଦର୍ସ ପବ୍ଲିକ୍ ସ୍କୁଲର ସାଦ୍ୟାନ୍ତ ଶତପଥୀ ପ୍ରଥମ ଓ ଶିବାଙ୍ଗୀ ମହାପାତ୍ର ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦିବ୍ୟାଂଶୀ ମହାପାତ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ବରିଷ୍ଠ ବିଭାଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନୁଷ୍କା ମହାନ୍ତି ପ୍ରଥମ, ମହନ୍ତ ଗଦାଧର ହାଇସ୍କୁଲର ପ୍ରିୟାଶ୍ରୀ ସାହୁ ଦ୍ୱିତୀୟ ଏବଂ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସାଇପ୍ରଜ୍ଞାନ ରଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ଶିବସୁନ୍ଦର ମିଶ୍ର ଓ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ୱ ଶିଶୁ ଅଧିକାର ଦିବସ ପାଳନ ଅବସରରେ କୃତୀ ପ୍ରତିଯୋଗୀ ।

# ରାଷ୍ଟ୍ରୀୟ ୧୦୮ କୁଣ୍ଡୀୟ ମହାଯଜ୍ଞର ଶୁଭାରମ୍ଭ

ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଗୋବିନ୍ଦ ଗୋଧାମ ଗୋଶାଳା ଏବଂ ରାଜସ୍ଥାନର ଶ୍ରୀସୀତାରାମ ଦାସଜୀ ମହାରାଜ ବଲଡାଧାମ ବିକାଶ ସମିତି ମିଳିତ ଆନୁକୂଲ୍ୟରେ ରବିବାର ରାଷ୍ଟ୍ରୀୟ ୧୦୮ କୁଣ୍ଡୀୟ ଶ୍ରୀ ଶ୍ରୀ ୧୦୦୮ ଶ୍ରୀଜଗନ୍ନାଥ ପରମବ୍ରହ୍ମ ବିଶ୍ୱ କଲ୍ୟାଣ ଶାନ୍ତି ମହାଯଜ୍ଞ ଶୁଭାରମ୍ଭ ହୋଇଛି। ସ୍ୱର୍ଗଦ୍ୱାର ସମ୍ମୁଖସ୍ଥ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି ମଣ୍ଡପ ନିକଟରୁ ୨୦୦ କଳସ ଧାରଣ କରି ରାଜସ୍ଥାନ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଆସିଥିବା ବୈଦିକ ବ୍ରାହ୍ମଣ ଏବଂ ଭକ୍ତବୃନ୍ଦ ବିଶାଳ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଆସିଥିଲେ। ଶୋଭାଯାତ୍ରାରେ ରାଜସ୍ଥାନ ଜୟପୁରର ସନ୍ଥ ପଣ୍ଡିତ ଚିରଞ୍ଜୀବୀ ଶାସ୍ତ୍ରୀ, ରାଜକୁମାର ଶାସ୍ତ୍ରୀ, ଶ୍ରୀରାମ ଶାସ୍ତ୍ରୀ, ପୁରୀ ନେବଲ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ଜୀ ମହାରାଜ ଏବଂ ଗୋବିନ୍ଦ ଗୋଧାମ ଗୋଶାଳା ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଜୀ ମହାରାଜ ଶୋଭାଯାତ୍ରାରେ ଯଜ୍ଞସ୍ଥଳ ନିକଟରେ ପହଞ୍ଚି କଳସ ସ୍ଥାପନ କରାଇଥିଲେ। ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷା ରଞ୍ଜିତା ପାଢ଼ୀ, ଟ୍ରଷ୍ଟ ମୁଖପାତ୍ର ବିଷ୍ଣୁଦତ୍ତ ଦାସ ପ୍ରମୁଖ ସ୍ୱାଗତ କରିଥିଲେ। ତେଲଙ୍ଗାନା ନିଜାମବାଦର ଅନ୍ତଃରାଷ୍ଟ୍ରୀୟ ରାମଚରିତ ମାନସ ପ୍ରବଚକ ସୁରେଶ ସାରଡ଼ା ଏବଂ ଶରତ ସାରଡ଼ାଙ୍କ ସମେତ ବିଭିନ୍ନ ରାଜ୍ୟର ଗୋଭକ୍ତ ନୈଷ୍ଠିକ ବ୍ରାହ୍ମଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ନଭେମ୍ବର ୨୯ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ।



## ‘ଗୋହତ୍ୟା ଆଇନ-୧୯୬୧କୁ କଠୋର କରାଯାଉ’

ଏହି ଅବସରରେ ଗଣମାଧ୍ୟମକୁ ଏମ୍‌ପି ପ୍ରଦୀପ ପାଣିଗ୍ରାହୀ କହିଥିଲେ, ଗୋ-ହତ୍ୟା ଆଇନ-୧୯୬୧ର ପୁନର୍ବିଚାର ସହ କଠୋର କରାଯିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏ ନେଇ ଚେଷ୍ଟା ଜାରି ରଖିବା ସହିତ ବିଧାନସଭାରେ ଦଳମତ ନିର୍ବିଶେଷରେ ଆଲୋଚନା କରି ପଦକ୍ଷେପ ନେବାର ସମୟ ଆସିଛି। ଗୋଚର ଜମିକୁ ଚଞ୍ଚକତା କରି ବିକ୍ରି, କ୍ରୟ କିମ୍ବା ଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୋମାତା ଓ ସମାଜର ବିକାଶ ପାଇଁ ସମସ୍ତ ଗୋଚର ଜମିକୁ ସଂରକ୍ଷିତ ରଖାଯାଉ। ରାଷ୍ଟ୍ରୀୟ ସ୍ତରରେ ଏହି ଯଜ୍ଞ ମାଧ୍ୟମରେ ଗୋମାତା ଓ ସନାତନ ଧର୍ମର ସୁରକ୍ଷା ପାଇଁ ଯେଉଁ ପ୍ରୟାସ କରାଯାଇଛି, ତାହା ପ୍ରଶଂସନୀୟ ବୋଲି ସେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ୧୨ ଚୋରି ସ୍ମାର୍ଟଫୋନ୍ ଜବତ, ୨ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୨୧।୧୧(ସତ୍ୟଜିତ୍ ରାଉତ)

ମୋବାଇଲ ଦୋକାନର କବାଟ କାଟି ଚୋରି ମାମଲାରେ ମଞ୍ଚେଶ୍ୱର ପୋଲିସ ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ରଙ୍ଗମାଟିଆ ଉପରସାହିର ଲୁଲୁ ଓରଫ ଦୁର୍ଗାପ୍ରସାଦ ବାରିକ (୨୧) ଓ ରଙ୍ଗମାଟିଆରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଦର୍ଶନ ଓରଫ ପ୍ରିୟଦର୍ଶନ ବାରିକ (୪୦)। ସେମାନଙ୍କଠାରୁ ୧୨ଟି ସ୍ମାର୍ଟଫୋନ୍ ଜବତ କରାଯାଇଛି। କୋର୍ଟଚାଲାଣ ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ବିଜୟ କୁମାର ବେହେରାଙ୍କର ରଙ୍ଗମାଟିଆ ରେଲୱେ ଷ୍ଟେଶନ ଛକ ନିକଟରେ ଓମ୍ ମୋବାଇଲ ଶପ୍ ରହିଛି। ଅଭିଯୁକ୍ତଦ୍ୱୟ ଅକ୍ଟୋବର ୪ ବିଳମ୍ବିତ ରାତିରେ ତାଙ୍କ ମୋବାଇଲ ଦୋକାନର କବାଟ କାଟି ୬ଟି ନୂଆ ସ୍ମାର୍ଟ ଫୋନ୍ ଓ ୨୦ଟି ପୁରୁଣା ସ୍ମାର୍ଟ ଫୋନ୍ ନେଇଯାଇଥିଲେ। ୫ ତାରିଖ ସକାଳେ ଏନେଇ ମାଲିକ ବିଜୟ ଜାଣିବାକୁ ପାଇ ଥାନାରେ ଏତଲା ଦେଇଥିଲା। ପୋଲିସ ଏକ ମାମଲା (ନଂ.୫୫୯/୨୦୨୩) ରୁଜୁ କରି ତଦନ୍ତ କରିଥିଲା।

### ଶ୍ୟାମା ଶଙ୍କର ମଠରେ ବିଷ୍ଣୁ ସହସ୍ର ନାମ ପଠନ

ପୁରୁଣା ଭୁବନେଶ୍ୱର,୨୧।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ହାଟସାହି ସ୍ଥିତ ଶ୍ୟାମା ଶଙ୍କର ମଠ ପରିସରରେ ଗୀତଜ୍ଞାନ ଓ ବିଷ୍ଣୁ ସହସ୍ର ନାମ ପଠନ କରାଯାଇଛି। ଗୀତା ଦ୍ୱିତୀୟ ଅଧ୍ୟାୟକୁ ପ୍ରଫେସର ପ୍ରଭାକର ମିଶ୍ର ବାଖ୍ୟା କରିବା ସହିତ ଏହାର ମର୍ମାନୁବାଦ କରିଥିଲେ। ଶ୍ରଦ୍ଧାଳୁମାନେ ବିଷ୍ଣୁ ସହସ୍ର ନାମ ଜପ କରିଥିଲେ। ପରେ ବିଭିନ୍ନ ଯୋଗ ମୁଦ୍ରା ଓ ପ୍ରାଣାୟାମ କରାଯାଇଥିଲା। ପ୍ରତି ପୂର୍ଣ୍ଣିମାରେ ଆଧ୍ୟାତ୍ମିକ ଚେତନା ଆଣିବା ପାଇଁ ଏଭଳି କାର୍ଯ୍ୟକ୍ରମ ମଠରେ ଆରମ୍ଭ କରାଯାଇଛି ବୋଲି ମଠ ମୁଖ୍ୟ ପରିଚାଳକ ଅରୁଣ ଗାଙ୍ଗୁଲି କହିଛନ୍ତି। ଗୌରହରି ବେହେରା ପରିଚାଳନା କରିଥିବା ବେଳେ ନାରାୟଣ ଘଟ, ତ୍ରିବେଣୀ ଗାଙ୍ଗୁଲି, ଛନ୍ଦା ଚାଟାର୍ଜୀ ସହଯୋଗ କରିଥିଲେ।

# ଡିଜିଟାଲ ଶୋଷଣ ବିରୋଧରେ ସଚେତନତା ସୃଷ୍ଟିହେବ

ଭୁବନେଶ୍ୱର,୨୧।୧୧(ବନ୍ଦନା ସେଠୀ)



ଅଭିଯାନର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

ରାଜ୍ୟରେ କୋମଳମତି ପିଲାଙ୍କ ପ୍ରତି ହେଉଥିବା ଡିଜିଟାଲ ଶୋଷଣ ବିରୋଧରେ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ #WebSafeAn-dwise ଅଭିଯାନ ଆରମ୍ଭ ହୋଇଛି। ଗୁରୁବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରାଯାଇଛି। ଶୋଷଣ ବିରୋଧରେ ସଚେତନତା ସୃଷ୍ଟିକରିବା ସହ ଏହା ବିରୋଧରେ ଲଢ଼ିବା ପାଇଁ ପରିବାର, ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନଗୁଡିକର ସହଯୋଗକୁ ସୁଦୃଢ଼ କରବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସମାଜ କଲ୍ୟାଣର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଯୋଗଦେଇ ପିଲାମାନଙ୍କୁ ସ୍ୱାଧୀନ ଓ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଜିର ଡିଜିଟାଲ ଯୁଗରେ ପିଲାଙ୍କ ସନ୍ଦେହ ଦୂରକରିବା ଓ ସେମାନଙ୍କ ଅଭିଯୋଗ ଶୁଣିବା ପାଇଁ ମାତାପିତା ଧୈର୍ଯ୍ୟବାନ୍ ହେବା ସହ ପିଲାଙ୍କ ପାଇଁ ସମୟ କାଢ଼ିବା ନିହାତି ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶା ପୋଲିସ ଆଇଜି ଏସ୍. ସାଇନି କହିଲେ, ପୋଲିସ ଅଫିସରଙ୍କୁ ଭୟ ନ କରି ଅନ୍‌ଲାଇନ ଶୋଷଣ ବିରୋଧରେ ପିଲାମାନେ ସାହସର ସହ ଜଣାଇବା ଦରକାର। ରାଜ୍ୟ ସରକାର ଶିଶୁ ଅନୁକୂଳ ପୋଲିସ ଷ୍ଟେଶନ ଉପରେ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ମାନସିକ ସ୍ୱାସ୍ଥ୍ୟର ଅତିରିକ୍ତ ନିର୍ଦ୍ଦେଶିକା ରେଖା ଭଗଓ୍ୱତ ପ୍ୟାରେଣ୍ଟ କଣ୍ଟ୍ରୋଲ ଫିଚର୍ସ ଉପରେ ଗୁରୁତ୍ୱ ଦେଇଥିଲେ। ପିଲାଙ୍କ ଅନ୍‌ଲାଇନ ବ୍ୟବହାରର ନିୟମିତ ମନିଟରିଂ ସମୟସୀମା ନିର୍ଦ୍ଧାରଣ କରିବା ସହ ପିଲାଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ କରିବା ଓ ସନ୍ଦେହଜନକ ବ୍ୟବହାରକୁ

### ଆରମ୍ଭ ହେଲା ନୂଆ ଅଭିଯାନ

ଚିହ୍ନଟ କରିବା ମାତାପିତାଙ୍କ କର୍ତ୍ତବ୍ୟ ହେବା ଦରକାର ବୋଲି କହିଥିଲେ। ଡିଜିଟାଲ ବ୍ୟବହାର ନିୟନ୍ତ୍ରଣ ପାଇଁ ପରିବାର ଓ ବିଦ୍ୟାଳୟସ୍ତରରେ ତାଲିମର ଆବଶ୍ୟକତା ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ କହିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର, ଚାଇଲ୍ଡ ଫଣ୍ଡ୍ ଇଣ୍ଡିଆର ବୋର୍ଡ ସଦସ୍ୟ ରାଜେଶ ରଞ୍ଜନ ସିଂ, ଚାଇଲ୍ଡ ଫଣ୍ଡ୍ ଇଣ୍ଟରନ୍ୟାଶନାଲର ମୁଖ୍ୟ ଇମ୍ପାକ୍ଟ ଏବଂ ଇନୋଭେଶନ ଅଫିସର ମିସେସ କାରେନ ଜେ ହାନରାହନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଓଡ଼ିଶାରେ ପିଲାଙ୍କ ଅନ୍‌ଲାଇନ ସୁରକ୍ଷା ନିମନ୍ତେ ଏକ ତାଲିମ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

# ଗିଫ୍ଟରେ 'ବିଫେଷ୍ଟ-ସ୍ୱାର୍କ'


ପ୍ରତିଯୋଗିତାର ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠ ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ କଲେଜର ଏମ୍‌ବିଏ ବିଭାଗ ପକ୍ଷରୁ ନାଲ୍‌କୋର ସହଭାଗିତାରେ 'ବିଫେଷ୍ଟ-ସ୍ୱାର୍କ ୨୦୨୪' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୫ଟି ଏମ୍‌ବିଏ କଲେଜ ଓ ବିଜ୍‌ନେସ୍ ସ୍କୁଲରୁ ୩୧୨ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ବିଜ୍ ଟ୍ୟାଙ୍କ୍, ବ୍ରେନ୍ ଟିଜର ଓ ଅନ୍ ଦି ସ୍ପଟ୍ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ଏମ୍‌ବିଏ ବିଭାଗର ଡିନ୍ ଡ. ହେମନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣରେ ବୃତ୍ତିଗତ କୌଶଳ ଶିକ୍ଷା ଗ୍ରହଣ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ପ୍ରଫେସର ବାମଦେବ ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏଭଳି ପ୍ରତିଯୋଗିତାରେ ଭାଗନେବା ପାଇଁ ଉତ୍ସାହିତ କରିଥିଲେ। ଗିଫ୍ଟ ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଓଏସ୍‌ଡି ଇଂ. ସମୀର ରଞ୍ଜନ ପଣ୍ଡା ଓ ପ୍ରଫେସର ସୁମତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋର ଡାଇରେକ୍ଟର (ଫାଇନାନ୍ସ) ରମେଶ ଚନ୍ଦ୍ର ଜୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଂଯୋଜକ ପ୍ରଫେସର ଅବଦୁଲ୍ ଏମ୍ ଖାନ୍ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଶିବାନୀ ଶୁଭସ୍ମିତାଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ପରିଚାଳନା କରିଥିଲେ।


ଏକାମ୍ରକ୍ଷେତ୍ର ବାଲିଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ ଓ ଅନ୍ୟମାନେ।

# ହ୍ୟୁମାନ ସାଗରଙ୍କ ସଙ୍ଗୀତରେ ଝୁମିଲେ

ପୁରୁଣା ଭୁବନେଶ୍ୱର,୨୧।୧୧(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଅନୁଷ୍ଠିତ ଏକାମ୍ରକ୍ଷେତ୍ର ବାଲିଯାତ୍ରା ମହୋତ୍ସବର ଗୁରୁବାର ଥିଲା ସପ୍ତମ ସନ୍ଧ୍ୟା। ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସପ୍ତମ ସନ୍ଧ୍ୟାର ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଏଥିରେ କମିଟିର ସମ୍ପାଦକ କବିରାଜ ସ୍ୱାଇଁ, ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, କ୍ଷୀରୋଦ କୁମାର ସ୍ୱାଇଁ, ସମିତି ସଭ୍ୟ ପ୍ରକାଶ ସ୍ୱାଇଁ, ଯୁବ ନେତା କୃଷ୍ଣ ଚନ୍ଦ୍ର ନାୟକ, ସୁରେନ ବରାଳ, ଅଜୟ ସ୍ୱାଇଁ, ଅକ୍ଷୟ ଜେନା, ପ୍ରକାଶ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଯୁବ ମୋର୍ଚ୍ଚା

### ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ସପ୍ତମ ସନ୍ଧ୍ୟା

ଭୁବନେଶ୍ୱର ସଭାପତି ସ୍ୱୟଂ ସେବକ ରାୟ, ସମାଜସେବୀ ପ୍ରକାଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଇତିହାସର ପୃଷ୍ଠାକୁ ପୁନଃଜୀବିତ କରିବା ଏକାମ୍ରକ୍ଷେତ୍ର ବାଲିଯାତ୍ରା ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିବା ବେଳେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ବିଭିନ୍ନ ସାମଗ୍ରୀ ଏବଂ ଖାଦ୍ୟଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଜମିଥିଲା।

### ୨ ଲୁଟ୍‌କାରୀଙ୍କୁ ୩ ବର୍ଷ ଲେଖାଏ ଜେଲ

ଭୁବନେଶ୍ୱର,୨୧।୧୧(ସତ୍ୟଜିତ୍ ରାଉତ)

କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଅଞ୍ଚଳରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଓ ଲକେଟ୍ ଝାମ୍ପିନେବା ମାମଲାରେ ୨ ଲୁଟ୍‌କାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟର ବିଚାରପତି ସୌମ୍ୟ ରଞ୍ଜନ ନାୟକ ଗୁରୁବାର ଏହାର ରାୟ ପ୍ରକାଶ କରି ରଞ୍ଜନ ପ୍ରଧାନ ଏବଂ ସୁବାସ ସାହୁ ଓରଫ କାଲୁକୁ ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଅଞ୍ଚଳରେ ରହୁଥିବା ପୀଡ଼ିତା ଝିଲ୍ଲୀ ମହାନ୍ତି ୨୦୨୩ ଏପ୍ରିଲ ୨୧ ଅପରାହ୍ନରେ ରାଜମହଲ ଅଞ୍ଚଳକୁ ଆସିଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ରଞ୍ଜନ ଓ ସୁବାସ ଏକ ବାଇକ୍‌ରେ ଆସି ଝିଲ୍ଲୀଙ୍କ ବେକରୁ ସୁନାଚେନ୍ ଓ ଲକେଟ୍ ଛିଣ୍ଡାଇ ନେଇଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୪୪/୨୦୨୪) ରୁଜୁକରି ତଦନ୍ତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ରାକେଶ ପୋଥାଲ ଓ ଅନସ୍ୱର ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ।

# ଅଙ୍କୁରା ହସ୍ପିଟାଲରେ ୱାର୍ଲ୍ଡ ପ୍ରିମ୍ୟାଚୁରିଟି ଡେ




ଭୁବନେଶ୍ୱର,୨୧।୧୧

ଭୁବନେଶ୍ୱରର ଅଙ୍କୁରା ହସ୍ପିଟାଲ ପରିସରରେ ବିଶ୍ୱ ପ୍ରିମ୍ୟାଚୁରିଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରା ହସ୍ପିଟାଲ ଏବଂ ଏଏୱାଇୟୁ ଫାଉଣ୍ଡେଶନର ମିଳିତ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ପ୍ରିମିଥନ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଭାରତୀୟ ଆଥ୍‌ଲେଟ୍‌ର ଦୂତୀ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ୨୫୦ରୁ ଅଧିକ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହିଳା ଓ ଶିଶୁଙ୍କ ପାଇଁ ଏହି ପ୍ରିମିଥନ ଶୋଭାଯାତ୍ରାର ଆୟୋଜନ କରି ହସ୍ପିଟାଲ ପକ୍ଷରୁ ଆସନ୍ତୁ ଏକାଠି ହେବାର ବାର୍ତ୍ତା ପ୍ରସାରିତ କରିଛି। ସେହିଭଳି ଏହି କାର୍ଯ୍ୟକ୍ରମଟି ଶିଶୁ ଓ ସେମାନଙ୍କ ପରିବାର ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ବ୍ୟାପକ ମାତ୍ରାରେ ସଚେତନ ସୃଷ୍ଟି କରିବା ସହ ଲିଟିଲ ୱାରିୟର୍ସର ସାହସିକତାକୁ ମଧ୍ୟ ପାଳନ କରାଯାଇଥିଲା। ପ୍ରିମିଥନ ଶୋଭାଯାତ୍ରା କେବଳ ଜନସାଧାରଣଙ୍କୁ ଅପରିପକ୍ୱତା ବିଷୟରେ ସଚେତନ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ ନାହିଁ ବରଂ ଉନ୍ନତ ନବଜାତକ ଚିକିତ୍ସାକୁ ପ୍ରୋତ୍ସାହିତ କରିବ। ଏହି ପଦକ୍ଷେପ ଜରିଆରେ ଆମେ ଶିଶୁମାନଙ୍କ ଯତ୍ନ ଓ ସେମାନଙ୍କୁ ଉପଯୁକ୍ତ ପରିଚାଳନା ଲାଗି ଅତ୍ୟାଧୁନିକ ସୁବିଧା ଓ ଜ୍ଞାନକୌଶଳ ସହ ପ୍ରସ୍ତୁତ ହୋଇଛୁ ବୋଲି ଡ. ଗୁରୁ ପ୍ରସାଦ କହିଛନ୍ତି।

# ଗୃହ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ ଉଦ୍‌ଯାପିତ


ଗୃହ ବିଭାଗ ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବର ଉଦ୍‌ଯାପନ ଅବସରରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୧।୧୧(ବନ୍ଦନା ସେଠୀ)

ଗୃହ ବିଭାଗ ସାଂସ୍କୃତିକ ପରିଷଦର ଦୁଇ ଦିନିଆ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ପ୍ରତ୍ୟୁଷ ଶ୍ରୀଚନ୍ଦନ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ସୌମେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଅଧିକାରୀ ଅମରେନ୍ଦ୍ର ବେହେରା ସ୍ୱଅଙ୍କିତ ମୁଖ୍ୟ ଅତିଥିଙ୍କ ପ୍ରତିକୃତି ସତ୍ୟବ୍ରତଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ନାଟକ 'ଝିମିଟି ଖେଳରୁ' ପରିବେଷଣ କରାଯାଇଥିଲା। ସନ୍ଦେହ କିପରି ବିସ୍ଫୋରକ ରୂପ ନେଇ ପରିବାରକୁ ଛାରଖାର କରିପାରେ ତାହା ନାଟକରେ ବେଶ୍ ସୁନ୍ଦର ଭାବେ ପରିବେଷଣ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଭାଗର କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ଉପରେ ପରିବେଷିତ ଭକ୍ତି ଭାବପୂର୍ଣ୍ଣ ନୃତ୍ୟାଭିନୟ 'ଆହେ ନୀଳ ଶୈଳ' ଏବଂ 'ହେ ଜଗା' ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ପରେ ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ଲୋକନୃତ୍ୟ ଏବଂ ଅନ୍ୟାନ୍ୟ ସମକାଳୀନ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା।

# ଦ୍ୱନ୍ଦ୍ୱ ସମାଧାନ କରି ଶାନ୍ତି ପ୍ରତିଷ୍ଠା କରୁଛି 'ସ୍ନେହ'

ଭୁବନେଶ୍ୱର,୨୧।୧୧(ସତ୍ୟଜିତ୍ ରାଉତ)



ସ୍ନେହ ଅନୁଷ୍ଠାନର ସଭାନେତ୍ରୀ ସୁବର୍ଣ୍ଣା ଘୋଷ ଓ ଅନ୍ୟମାନେ ସୂଚନା ଦେଉଛନ୍ତି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର, ଏଜୁକେଶନ୍ ଆଣ୍ଡ ହେଲ୍‌ଥ (ସ୍ନେହ) ବସ୍ତି ଓ ଅନ୍ୟାନ୍ୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଘଟୁଥିବା ଦ୍ୱନ୍ଦ୍ୱକୁ ଦୂର କରିବା ସହ ଏହାର ସମାଧାନ କରି ଶାନ୍ତି ପ୍ରତିଷ୍ଠା କରୁଛି। ରେଷ୍ଟୋରେଟିଭ୍ ଜଷ୍ଟିସ୍ ପ୍ରକ୍ରିୟାରେ ଏହି ବ୍ୟବସ୍ଥାକୁ ଆପଣାଯାଇ ପିଡ଼ୀତ-ପିଡ଼ୀତା ଓ ଦୋଷୀଙ୍କ ମଧ୍ୟରେ ପୁଣିଥରେ ଭଲ ସମ୍ପର୍କ ପ୍ରତିଷ୍ଠା କରାଯାଉଛି ବୋଲି 'ସ୍ନେହ' ପକ୍ଷରୁ କୁହାଯାଇଛି। ରେଷ୍ଟୋରେଟିଭ୍ ଜଷ୍ଟିସ୍ ସପ୍ତାହ ଅବସରରେ ଅନୁଷ୍ଠାନର ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଶାନ୍ତି ଓ ଅହିଂସା କେନ୍ଦ୍ର 'ସମ୍ପ୍ରୀତି' ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ହୋଇଥିଲା। ଅନୁଷ୍ଠାନର ସଭାନେତ୍ରୀ ସୁବର୍ଣ୍ଣା ଘୋଷ ଏବଂ ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା ମିଳିତ ଭାବେ ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ ବିବରଣୀ ପ୍ରଦାନ କରି କହିଲେ, ୨୦୦୮ ମସିହା କନ୍ଧମାଳ ସାମ୍ପ୍ରଦାୟିକ ଦଙ୍ଗା ପରଠାରୁ 'ସ୍ନେହ' କନ୍ଧମାଳ ଏବଂ ଭୁବନେଶ୍ୱରରେ ଶାନ୍ତି ଓ ସଦ୍ଭାବନା କାର୍ଯ୍ୟକ୍ରମ କରି ଆସୁଛି। ସାଲିଆସାହି ବସ୍ତିର ୮ଟି ସାହିରେ ଶାନ୍ତି କମିଟି ଗଠନ କରି ସେଠାରେ ଘଟୁଥିବା ବିଭିନ୍ନ ଦ୍ୱନ୍ଦ୍ୱର ସମାଧାନ କରୁଛି। ଏହି ଶାନ୍ତି କମିଟିର ସଦସ୍ୟାମାନଙ୍କୁ ପରବର୍ତ୍ତୀ ସମୟରେ ରେଷ୍ଟୋରେଟିଭ୍ ଜଷ୍ଟିସ୍ ଉପରେ ବିଭିନ୍ନ ତାଲିମ ଦିଆଯାଉଛି। ଏହି ତାଲିମପ୍ରାପ୍ତ ନେତ୍ରୀମାନେ ଗୋଷ୍ଠୀ ମଧ୍ୟରେ ଘଟୁଥିବା ବିଭିନ୍ନ ଦ୍ୱନ୍ଦ ଏବଂ ଅପରାଧର ଆପୋଷ ସମାଧାନ କରିପାରୁଛନ୍ତି। ଏହି ପ୍ରକ୍ରିୟାରେ ହେଉଥିବା ସମାଧାନ ପୀଡ଼ିତା ପୀଡ଼ିତ ଓ ଦୋଷୀଙ୍କ ମଧ୍ୟରେ ଭଲ ସମ୍ପର୍କକୁ ପୁଣି ଥରେ ପ୍ରତିଷ୍ଠା କରିପାରୁଛି। ଦୋଷୀ ତାଙ୍କର ଭୁଲ୍ ବୁଝିପାରି କ୍ଷମା ମାଗିବା ସହିତ ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଉଛନ୍ତି। ଏହି ପ୍ରକ୍ରିୟାରେ ଶାନ୍ତି କମିଟିର ସଦସ୍ୟା ଓ ଗୋଷ୍ଠୀର ଅନ୍ୟ ସଭ୍ୟମାନେ ସକ୍ରିୟ ଭୂମିକା ତୁଲାଉଛନ୍ତି। ଏହାଦ୍ୱାରା ଗୋଷ୍ଠୀ ଭିତରେ ଶାନ୍ତି ପ୍ରତିଷ୍ଠା ହେବା ସହ ସେହି ଦୋଷୀ ବ୍ୟକ୍ତିଙ୍କ ଦ୍ୱାରା ପୁଣିଥରେ ଅପରାଧ ନ କରିବାର ମାନସିକତା ସୃଷ୍ଟି ହେଉଛି। ପ୍ରଚଳିତ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଠାରୁ ଏହି ରେଷ୍ଟୋରେଟିଭ୍ ଜଷ୍ଟିସ୍ ଉତ୍କୃଷ୍ଟ ପଦ୍ଧତି ଭାବେ ପ୍ରମାଣିତ ହୋଇଛି। ଦେଶରେ ପ୍ରଚଳିତ ନ୍ୟାୟିକ ବ୍ୟବସ୍ଥା ସହିତ ରେଷ୍ଟୋରେଟିଭ୍ ଜଷ୍ଟିସ୍ ବ୍ୟବସ୍ଥାକୁ ଆପଣାଇବାକୁ ସାଧାରଣରେ ସଚେତନତା ବୃଦ୍ଧି କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଆହ୍ୱାନ କରାଯାଇଥିଲା।

## ଫଟୋରେ ଖବର








ମହାନ ଜନନାୟକ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ ଅବସରରେ ଗୁରୁବାର ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ବାହାରିଥିବା ପାଇକ ରାଲି। ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ଚାକିରି ପଛରେ ନ ଧାଇଁ ସ୍ୱାବଲମ୍ବୀ ହୁଅ

**ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)**


ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଓଡ଼ିଶା ଅର୍ଥନୀତି ସୁଦୃଢ଼ ଦିଗରେ ମହିଳାମାନଙ୍କ ପ୍ରମୁଖ ଭୂମିକା ରହିଛି। ବିକାଶରେ ମହିଳାଙ୍କ ସହଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାର ଶୀର୍ଷତାରେ ପହଞ୍ଚିବା ଦିଗରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସବୁକ୍ଷେତ୍ରରେ ମହିଳାମାନେ ତାଙ୍କ ଦାୟିତ୍ୱ ସୂଚାରୁଭାବେ ତୁଲାଇ ଆସିଛନ୍ତି। ଗ୍ରାମାଞ୍ଚଳରେ ମହିଳାମାନେ ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇ ଅନ୍ୟ ପାଇଁ ପ୍ରେରଣାରଉତ୍ସ ପାଲଟିଛନ୍ତି। ମତ୍ସ୍ୟ ଓ ପ୍ରାଣୀପାଳନ ବ୍ୟବସାୟରେ ରୋଜଗାରକ୍ଷମ ହୋଇପାରିଛନ୍ତି। ମହିଳାଙ୍କ ପ୍ରଗତିରେ ଦେଶର ଉନ୍ନତି ବୋଲି ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡିଆରେ ଅନୁଷ୍ଠିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଦିବସରେ ମୁଖ୍ୟ ବକ୍ତାଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଏହା କହିଛନ୍ତି।

ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ ମଖ୍ୟ ଅତିଥି, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଦୁଗ୍ଧ ଉତ୍ପାଦନ ସଂଘ ପୁମୁଲ ସଭାପତି ଦିଲୀପ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ବିଧାୟକ ସାହୁ ଆହୁରି କହିଥିଲେ, ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସାରୁଅର ଚାଷୀ ଗଦାଧର ସୁବୁଦ୍ଧି ଜଣେ ଉନ୍ନତ ଗୋପାଳକ ହୋଇଥିବା ବେଳେ ବେକାର ଯୁବକମାନେ ଚାକିରୀ ପଛରେ ଦୌଡିବା ପରିବର୍ତ୍ତେ ମତ୍ସ୍ୟ ଓ ପଶୁ ସମ୍ପଦ ଯୋଜନାରେ କୁଟୀର ଉଦ୍ୟୋଗ ଆରମ୍ଭ କରି ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ କିଭଳି ସ୍ୱାବଲମ୍ବୀ କରିପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ଆହ୍ୱାନ କରିଥିଲେ। ସେହିପରି ଜିଲା ପରିଷଦ ଅଧ୍ୟକ୍ଷା ଗୁମାନସିଂ କହିଥିଲେ, ଚାଷୀଙ୍କ ଅର୍ଥନୈତିକ ବିକାଶ ଦିଗରେ ଏଭଳି ମେଳା ବେଶ ସହାୟକ ହୋଇପାରିବ। ସରକାରୀ ଯୋଜନା ସମ୍ପର୍କରେ ଜାଣିଲେ, ଏହାର ଲାଭ ଉଠାଇ ପାରିବେ। ମହିଳାଙ୍କୁ ଅଗ୍ରାଧିକାର ଭିତିରେ ଉଦ୍ୟୋଗ ସ୍ଥାପନ ପାଇଁ ସୁବିଧା ଉପଲବ୍ଧ ପାଇଁ କହିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମହାରଣା କହିଥିଲେ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ସରକାର ବହୁ ଯୋଜନା କରିଛନ୍ତି। ଚାଷୀ ଏହାକୁ ଉପଯୋଗ କରି ଲାଭାନ୍ୱିତ ହୋଇପାରିବେ। ପୌରାଧ୍ୟକ୍ଷା ମହାନ୍ତି କହିଥିଲେ, କୁକୁଡା, ବତକ, ଛେଳି ପାଳନ ଠାରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବୃହତ ଫାର୍ମ ପ୍ରତିଷ୍ଠା କରିପାରିବେ। ଚେଷ୍ଟା କଲେ ସଫଳତା ମିଳିବ। ପୁମୁଲ ସଭାପତି ଦାସ କହିଥିଲେ, ଗ୍ରାମାଞ୍ଚଳରେ ଗୋପାଳକଙ୍କୁ ଆର୍ଥିକ ସ୍ୱାବଲମ୍ବନ ଲକ୍ଷ୍ୟରେ ୧୯୭୬ ମସିହାରେ ପୁରୀ, ଖୋର୍ଦ୍ଧା, ନୟାଗଡକୁ ନେଇ ଦୁଗ୍ଧ ଉତ୍ପାଦନ ସଂଘ ପୁମୁଲ ଗଠନ ହୋଇଥିଲା। ଚାଷୀ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେଲେ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ ହୋଇପାରିବ। ପରିବାର ସୁରକ୍ଷିତ ଭବିଷ୍ୟତ ପାଇଁ ୨ରୁ ୫ଟି ଗୋରୁଗାଇ ପାଳନ କରିବାକୁ କହିଥିଲେ। ସଭାପତିତ୍ୱ ଭାଷଣରେ ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, କୃଷକ ଦେଶର ଆର୍ଥିକ ମେରୁଦଣ୍ଡ। ୧୮୬୬ ନଅଙ୍କ ଦୁର୍ଭିକ୍ଷ ସମୟରେ ଖାଦ୍ୟାଭାବରେ ପ୍ରାୟ ୧୦ଲକ୍ଷ ଲୋକଙ୍କ ପ୍ରାଣହୀନ ଘଟିଥିବା ବେଳେ ବେଙ୍ଗଲରେ ମଧ୍ୟ ଲକ୍ଷାଧିକ ଲୋକଙ୍କ ଜୀବନ ଯାଇଥିଲା। ସ୍ୱାଧିନତୋର ଭାରତରେ ମଧ୍ୟରେ ଖାଦ୍ୟାଭାବ ସମସ୍ୟାକୁ ସମାଧାନ ପାଇଁ ତତ୍କାଳୀନ ବୈଜ୍ଞାନିକ, ବ୍ୟକ୍ତିବିଶେଷ ସୁବଜ ବିପ୍ଳବ କ୍ରାନ୍ତି ଆରମ୍ଭ କରିଥିଲେ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ଫଳରେ ଲୋକଙ୍କ ମଧ୍ୟରେ ନବଜାଗରଣ ସୃଷ୍ଟି କରିଥିଲା। ସ୍ୱାଧୀନତୋର ଭାରତରେ ମହତ୍ମା ଗାନ୍ଧୀ କୃଷି ଓ କୃଷକଙ୍କ ବିକାଶକୁ ପ୍ରାଥମିକ ଦେବାକୁ କହିଥିଲେ। ବର୍ତ୍ତମାନ ନୂତନ ଜ୍ଞାନ କୌଶଳ ଯୋଗୁ କୃଷକଙ୍କ ଆର୍ଥିକ ବିକାଶ ଦିଗରେ ବ୍ୟାପକ ପରିବର୍ତ୍ତନ ଆସିଛି। ଶିଳ୍ପ ଅଭିବୃଦ୍ଧି ସହ କୃଷି କାର୍ଯ୍ୟକୁ ପ୍ରାଥମିକତା ଦେବା ଜରୁରୀ। କୃଷକ ଓ କୃଷି ଦେଶକୁ ପ୍ରଗତି ମାର୍ଗ ପ୍ରଶସ୍ତ କରିବ। ଏହି ଅବସରରେ ସଫଳ ମତ୍ସ୍ୟ ଓ ପ୍ରାଣୀପାଳନ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପ୍ରାଣୀଧନ ଅଧିକାରୀ ଦେବୀଦତ୍ତ ମାଝି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପ ମତ୍ସ୍ୟ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲା ମତ୍ସ୍ୟ ଅଧିକାରୀ ନରସିଂହ ମୁଣ୍ଡ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ସଫଳ ମତ୍ସ୍ୟଚାଷୀ, ପ୍ରାଣୀପାଳନମାନେ ସେମାନଙ୍କ ଅନୁଭୂତି କହିଥିଲେ। ମଧ୍ୟାହ୍ନରେ ମେଳାରେ ଆୟୋଜିତ ଗୋ ପୂଜନ ଉତ୍ସବରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଗୋମାତା ପୂଜନ, ଆଳତି କରିଥିଲେ। ଅପରାହ୍ନରେ ଚକୁଳିଆ ପଣ୍ଡା ବେଶଧାରୀ ଉପସ୍ଥିତ ଚାଷୀ, ମହିଳାଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନା ସମ୍ପର୍କରେ ସଚେତନ କରିଥିଲେ।

**ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ**

- ସବୁଜ ବିପ୍ଳବ ଭାରତରେ ନବଜାଗରଣ ଆଣିଥିଲା
- ସଫଳ ମତ୍ସ୍ୟ, ପ୍ରାଣୀପାଳକ, ଉଦ୍ୟୋଗୀ ସମ୍ବର୍ଦ୍ଧିତ

# ଗୋମାଂସ ଭର୍ତ୍ତି ଟ୍ରକ୍ ଜବତ, ଚାଳକ ଗିରଫ

**ଜଟଣୀ,୨୧।୧୧(ରବୀନ୍ଦ୍ରନାଥ ମହାକୁଡ଼)**

**ଜଟଣୀରୁ ଉତ୍ତରପ୍ରଦେଶ ହେଉଥିଲା ଚାଲାଣ**



ଜଟଣୀ ହନୁମାନ ବାଟିକା ରାସ୍ତାରୁ ଗୋସେବକ ଏବଂ ବଜରଙ୍ଗଦଳର ସଦସ୍ୟମାନେ ଏକ ଗୋମାଂସ ଭର୍ତ୍ତି ଟ୍ରକକୁ ଜବତ କରି ଜଟଣୀ ଥାନା ପୋଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ପୋଲିସ ଉକ୍ତ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତରପ୍ରଦେଶ ଗାଜିଆବାଦ ଜିଲା ଦୁଲାଣ ଥାନା ଅଧୀନ ଶେଖପୁର ଗ୍ରାମର ଇମ୍ରାନ ସାଇଫି (୩୫)। ଏନେଇ ଥାନାରେ ଏକ ମାମଲା (ନଂ.୪୭୯/୨୪) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଅଞ୍ଚଳରୁ ଗୋମାଂସ ଉତ୍ତର ପ୍ରଦେଶକୁ ଚାଲାଣ ହେଉଥିବା ଜଣାପଡିଛି। ସୂଚନା ମୁତାବକ, ଗୋମାଂସ ଚାଲାଣ ହେଉଥିବା ଖବରପାଇ ଗୋସେବକ ଓ ବଜରଙ୍ଗଦଳ ସଦସ୍ୟମାନେ ଉକ୍ତ ଟ୍ରକର ପିଛା କରିଥିଲେ। ଜଟଣୀ ଥାନା ଅଧୀନ ହନୁମାନ ବାଟିକା ରାସ୍ତାରେ ଉକ୍ତ ଟ୍ରକ(ୟୁପି ୧୪କେଟି ୬୪୧୨)କୁ ଅଟକାଇ ତନଖି କରିବାରୁ ଗୋମାଂସ ରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଥାନା ଅଧିକାରୀ ବଳିୟାରସିଂ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଉକ୍ତ ଗୋମାଂସ ଭର୍ତ୍ତି ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ଆଣିଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଚାଳକଙ୍କୁ ଗିରଫ କରିଛି।

# ସ୍ୱାସ୍ଥ୍ୟ ଠିକ୍ ଥିଲେ ବୌଦ୍ଧିକ ଜ୍ଞାନର ବିକାଶ ହେବ


କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ,୨୧।୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର 'ସ୍ୱାସ୍ଥ୍ୟ ଓ ସୁସ୍ଥତା' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ମିଳିତଭାବେ ପରିଚାଳନା କରିଥିଲେ। ଏଥିରେ ବ୍ଲକର ସମସ୍ତ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ଜଣେ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରଥମେ ବିଦ୍ୟାଳୟରେ ଆୟୁଷ୍ମାନ ଭାରତ ବଜାୟ ରଖିବାକୁ ପ୍ରକ୍ରିୟା ଜାରି ରହିବ। ପିଲାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା କର୍ତ୍ତବ୍ୟ। ଶିକ୍ଷା ଓ ସାସ୍ଥ୍ୟ ପିଲାମାନଙ୍କର ପ୍ରାଥମିକ ଅଧିକାର। ସ୍ୱାସ୍ଥ୍ୟ ଠିକ୍ ଥିଲେ ଶୈକ୍ଷିକ ଓ ବୌଦ୍ଧିକ ଜ୍ଞାନକୁ ବିକଶିତ କରିବ ବୋଲି ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଡା.ରାଜକିଶୋର ପଣ୍ଡା, ଡା.ବିଭୂତି ଭୂଷଣ ଜତି, ବିଆର୍‌ସିସି ଲକ୍ଷ୍ମୀ ଦେଇ, ଏବିଇଓ ଚନ୍ଦ୍ରକାନ୍ତି ନାୟକ, ଆରପି ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଭାସିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା ଏବଂ ସିଆର୍‌ସିସି ସରୋଜ କୁମାର ବେହେରା, ସୂର୍ଯ୍ୟ ନାରାୟଣ ପଣ୍ଡା କର୍ମଶାଳାରେ ସହଯୋଗ କରିଥିଲେ। ଏହି ଅବସରରେ କୃମିନାଶକ ବଟିକା, ଆଇରନ ବଟିକା ଏବଂ ହାତ ସଫେଇ ଉପକରଣ ବଣ୍ଟନ କରାଯାଇଥିଲା।

# ୨୪ରୁ ଶ୍ରୀଜଗନ୍ନାଥ ମହୋତ୍ସବ

**ନିରାକାରପୁର,୨୧।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଶ୍ରୀ ଦାରୁବ୍ରହ୍ମ ରଥଯାତ୍ରା କମିଟି ଓ ଚାରିଟେବଲ ଟ୍ରଷ୍ଟ ଭୂଷଣ୍ଡପୁର ଆନୁକୂଲ୍ୟରେ ଗୁଣ୍ଡିଚା ମନ୍ଦିର ଏବଂ ରାଧାମାଧବ ଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ସହ ଶ୍ରୀଜଗନ୍ନାଥ ପଞ୍ଚରାତ୍ର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୨୪ ବେଶ ଉତ୍ସବ ତଥା 'ଜଗନ୍ନାଥ ମହୋତ୍ସବ-୨୦୨୪' ଆସନ୍ତା ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନର ସଭାପତି ତଥା ସ୍ଥାନୀୟ ସରପଞ୍ଚ ସୌରଭ ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ପଞ୍ଚାୟତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ.ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ, ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ତେନ୍ତୁଳିଆପଡା ଛକଠାରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ପଞ୍ଚରାତ୍ର କାର୍ଯ୍ୟକ୍ରମରେ ୧୦୮ ମଠର ମହନ୍ତଙ୍କୁ ଆମନ୍ତ୍ରିତ କରାଯିବ। ଏଥିସହ ଶ୍ରୀଜୀଉଙ୍କ ୨୪ବେଶ ହେବ। ଭୋଗ ମଣ୍ଡପରେ ସୁଲଭ ଦରରେ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ଉପଲବ୍ଧ ହେବ। ଦୋଳି ଓ ମୀନାବଜାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚନ ହେବ। ତିନି ବାଡ଼ଗ୍ରାହୀ ଉପସ୍ଥିତ ରହିବେ। ପ୍ରଭୁଙ୍କ ଏହି ଦୁର୍ଲଭବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହେବାକୁ ଥିବା ବେଳେ ସମସ୍ତ ବ୍ୟବସ୍ଥା କରାଯାଇଛି। ବିଜୟ ବାବା, ବାଇଧର ମହାରଣା, ରବୀନ୍ଦ୍ର କୁମାର ସାମନ୍ତରାୟ, ବିରଞ୍ଚି ପ୍ରଧାନଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ଅଜୟ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଭାଷା, ସାହିତ୍ୟ ଶିକ୍ଷାକ୍ଷେତ୍ରରେ ଡିଜିଟାଲ ଆକର୍ଷଣୀୟ ପଦ୍ଧତି



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ଇଂରାଜୀ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମାନରେ ଇଂରାଜୀ ଭାଷାର ବିଶିଷ୍ଟ ଭାଷା ବିଶାରଦମାନେ ଯୋଗଦେଇ ସାମ୍ପ୍ରତିକ ଡିଜିଟାଲ ଯୁଗରେ ଭାଷା ସାହିତ୍ୟର ନୂତନ ଧାରା ଓ ଶୈକ୍ଷିକ ପଦ୍ଧତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପଶ୍ଚିମବଙ୍ଗର ବିଶିଷ୍ଟ ଭାଷାବିତ୍ ପ୍ରଫେସର ସୈରିନ୍ଧ୍ରୀ ସେନ ମୁଖ୍ୟ ଅତିଥି, ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସହକାରୀ ଇଂରାଜୀ ପ୍ରଫେସର ରବୀନ୍ଦ୍ର କୁମାର ପ୍ରଧାନ, ଆନ୍ଧ୍ରପ୍ରଦେଶସ୍ଥିତ ଆଦିତ୍ୟ ଯାନ୍ତ୍ରିକ ଓ ବୈଷୟିକ ପ୍ରତିଷ୍ଠାନର ପ୍ରଫେସର ଏମ୍.ପାପୀନାଇଡୁ, କେ.ପ୍ରକାଶମ ଏବଂ ଭୁବନେଶ୍ୱରସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀର ଡ.ନମିତା ମହାନ୍ତି, ବାଲୁଗାଁ କଲେଜର ଡ.କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ପ୍ରତି ଭାଷା ସାହିତ୍ୟ ଶିକ୍ଷା ଡିଜିଟାଲ ମାଧ୍ୟମରେ କିପରି ଅଧିକ ଆକର୍ଷଣୀୟ, ସ୍ଥାୟୀ ଓ ଗ୍ରହଣଯୋଗ୍ୟ ହୋଇପାରୁଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଇଂରାଜୀ ଭାଷାର ଦକ୍ଷତା ଏବଂ କୌଶଳଗୁଡିକୁ ଆପଣାଇବାକୁ ହେଲେ ବିଭିନ୍ନ ଡିଜିଟାଲ ପଦ୍ଧତି ସବୁଠୁ ସହଜ ମାର୍ଗ। ସମ୍ପ୍ରତି ଛୋଟ ଶିଶୁମାନେ ଡିଜିଟାଲ ମାଧ୍ୟମରେ ଖୁବ କମ ସମୟରେ ବିଭିନ୍ନ ଭାଷାର ଶ୍ରବଣ, କଥନ, ଲିଖନ ଓ ପଠନ ଦକ୍ଷତା ହାସଲ କରି ମାତାପିତାଙ୍କୁ ସହାୟତା ପ୍ରଦାନ କରିପାରୁଛନ୍ତି। ଯେ କୌଣସି ଅନଲାଇନ ଡିଗ୍ରୀ ହାସଲ କରିବାର ଏହା ଏକ ସହଜ ପଦ୍ଧତି। ଭାଷା ଦକ୍ଷତା ହାସଲ କରି ଅର୍ଥ ମଧ୍ୟ ରୋଜଗାର କରିପାରୁଛନ୍ତି। ଏହି ଜାତୀୟ ଆଲୋଚନାଚକ୍ରର ଆବାହିକା ତଥା ଇଂରାଜୀ ବିଭାଗ ମୁଖ୍ୟ ଡ.ମୋନାଲିସା ମାନସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇଂରାଜୀ ବିଭାଗ ସେମିନାର ସଂଯୋଜକ ଅଧ୍ୟାପକ ପତିତପାବନ ପଣ୍ଡା ଥିମ ପେପର ଉପସ୍ଥାପନା କରିଥିଲେ। ଡ.ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଲୋଚନାଚକ୍ରରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ ଭାଷାବିତ୍ ଯୋଗଦେଇ ନିବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ହିମାଂଶୁ କୁମାର ଦାଶ, ସ୍ୱାତୀ ସ୍ୱାଗତିକା ସାହୁ, ଅଧ୍ୟାପିକା କୀର୍ତ୍ତିମୟୀ ବାରିକ ଏବଂ ବିଭାଗର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ମଣ୍ଡଳସ୍ତରୀୟ ଶିଶୁମେଳା

**ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଇନା' ପକ୍ଷରୁ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଣ୍ଡଳସ୍ତରୀୟ ଚିତ୍ରାଙ୍କନ, କୁଇଜ, ନାଚ, ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାକ୍ଟିସିଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବ କିଶୋର ମହାପାତ୍ର, ଶିକ୍ଷୟିତ୍ରୀ ସଞ୍ଜୁକ୍ତା ସାହୁ, ଅର୍ଚ୍ଚନା କୁମାରୀ କର, ଜାଗୁଳେଇ ପାଟଣା ୟୁ.ପି. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ବେହେରା, ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷୟିତ୍ରୀ ମୋନାଲିସା ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦିପ ପାଣିଗ୍ରାହୀ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଶିଶମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଅନୁଷ୍ଠାନର ଲକ୍ଷ୍ୟ। ଲିପ୍ସା ସାମନ୍ତରାୟ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମଣ୍ଡଳସ୍ତରୀୟ ଶିଶୁ ମେଳାରେ ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବିଧାୟକ ହେଲେ ମକର ମହୋତ୍ସବ କମିଟି ସଭାପତି

**ବେଗୁନିଆ,୨୧।୧୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ବାବା ହଟ୍ଟକେଶ୍ୱର ଦେବଙ୍କ ପୀଠରେ ଜାନୁଆରୀ ୧୪ ତାରିଖରେ ହେବାକୁ ଥିବା ମକର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ମକର ମହୋତ୍ସବ କମିଟିର ସଭାପତିଭାବେ ଚୟନ କରଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଯୋଜକ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲା ଟୁରିଷ୍ଟ ଅଫିସର ମିରାବାଇ ବେହେରା, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ଅଗ୍ନିଶମ ଅଧିକାରୀ ତପନ କୁମାର ମହାନ୍ତି, ବିଦ୍ୟୁତ୍ ବିଭାଗ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ସିଡିପିଓ ପ୍ରମୋଦିନୀ ପଣ୍ଡା, କୃଷି ବିଭାଗ ଅଧିକାରୀ ଗଣେଶ୍ୱର ରଥ, କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା, ଶୁଭକାନ୍ତ ମହାପାତ୍ର, ମଧୁସୂଦନ ସୁବୁଦ୍ଧି, ସମ୍ପାଦକ ଦିଲୀପ କୁମାର ମହାପାତ୍ରଙ୍କ ସମେତ ମହୋତ୍ସବ କମିଟିର ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମହୋତ୍ସବକୁ ସରସ, ସୁନ୍ଦର, ଶୃଙ୍ଖଳିତ ଏବଂ ଆକର୍ଷଣୀୟ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ମହୋତ୍ସବ କମିଟିର ନୂତନ ସଭାପତି ବିଧାୟକ ସାହୁ କହିଥିଲେ।

**କୁଶପଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ତମାଣ୍ଡୋ, ମେଣ୍ଢାଶାଳ ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ବେଗୁନିଆ,୨୧।୧୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଗୁରୁବାର ଦୁଇଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ ତମାଣ୍ଡୋ ଏବଂ ପଙ୍ଗାରସିଂହ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ତମାଣ୍ଡୋ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮୦ରନ ସଂଗ୍ରହ କରିଥିଲା। ଜବାବରେ ପଙ୍ଗାରସିଂହ ଟିମତ ୧୩୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପାନବରଜ କ୍ରିକେଟ କ୍ଲବ ଓ ମେଣ୍ଢାଶାଳ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ପାନବରଜ କ୍ରିକେଟ କ୍ଲବ ୧୬ ଓଭରରେ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ କ୍ରିକେଟ କ୍ଲବ ୧୫୮ରନ ସଂଗ୍ରହ କରି ବିଜୟୀ ହୋଇଛି। ଶେହଜାଦ ଖାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମିଳନ କୁମାର ଜେନା ସହଯୋଗ କରିଥିଲେ। ସାମାଜିକ କର୍ମୀ ଶିଶିର କୁମାର ଛୁଆଲସିଂହ, ଇଞ୍ଜାମୁଲ ହକ, ଶ୍ରୀନିବାସ ରାୟ, ପ୍ରଭାକର ବଳବନ୍ତରାୟ, ଏସ୍.କେ ରମଜାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶୁକ୍ରବାର ଅଠରାଙ୍ଗ, କଲ୍ୟାଣପୁର, କାଇପଦର ଏବଂ ବୈଦେଶର କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

**ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା**

# ଖୋର୍ଦ୍ଧା ଜିଲାକୁ ୫ ସ୍ୱର୍ଣ୍ଣ

**ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ)**

୩୬ତମ ରାଜ୍ୟ ସବ ଜୁନିୟର କରାଟେ ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୫୮୪ ପ୍ରତିଯୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାର ୨୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୋଚ ଦୀପକ କୁମାର ସାମନ୍ତରାୟ ଏବଂ ଅରବିନ୍ଦ ବାରିକଙ୍କ ଦ୍ୱାରା ପ୍ରଶିକ୍ଷିତ ଏହି ଖେଳାଳିମାନେ ୫ସ୍ୱର୍ଣ୍ଣ ପଦକ, ୩ରୌପ୍ୟ ଏବଂ ୧୧ କାଂସ୍ୟ ପଦକ ହାସଲ କରିଛନ୍ତି। ଖୋର୍ଦ୍ଧା ଜିଲାର ସ୍ୱର୍ଣ୍ଣ ପଦକ ବିଜେତା ସାତଭିକ୍ କୁମାର ଜାଲି (୮ବର୍ଷ ବର୍ଗରେ), ଆଦିତ୍ୟ ରାଜ ପ୍ରଧାନ (୯ବର୍ଷ ବର୍ଗରେ), ଅନନ୍ୟା ସାହୁ (୧୧ବର୍ଷ ବର୍ଗରେ), ଆଦିତି ମହାନ୍ତି (୧୨ବର୍ଷ ବର୍ଗରେ), କୃତି ଦୀପନ ବଳବନ୍ତରାୟ ( ୧୩ବର୍ଷ ବର୍ଗରେ) ମନୋନୀତ ହୋଇ ଡିସେମ୍ବର ମାସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କୋଚ ସାମନ୍ତରାୟ ସୂଚନା ଦେଇଛନ୍ତି। ରାଜ୍ୟ କରାଟେ ସଂଘର ସଭାପତି ହାନସି ହରିପ୍ରସାଦ ପଟ୍ଟନାୟକ ଏବଂ ସମ୍ପାଦକ ଗୌରୀ ମହାନ୍ତି କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ସାତଭିକ୍ ଆଦିତ୍ୟ ରାଜ ଅନନ୍ୟା ଆଦିତି କୃତି ଦିପନ୍

# ଭାଙ୍ଗ ଜବତ, ଜଣେ ଗିରଫ

**ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଅବକାରୀ ଟିମ୍ ଗୁରୁବାର ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡ଼ି ଟାଙ୍ଗୀସାହିରେ ଚଢ଼ାଉ କରି ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗୀସାହିର ଧ୍ରୁବ ଚରଣ ପ୍ରଧାନ(୪୧)। ତାଙ୍କ ନିକଟରୁ ୩୦କେଜି ଭାଙ୍ଗ ଜବତ ହୋଇଛି। ଏହାର ମୂଲ୍ୟ ୩୦ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ତପସ୍ୱିନୀ ବରାଳ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଓଆଇସି ସୁଦର୍ଶନ ବିଶୋଇ, ଏଏସ୍‌ଆଇ ରାଜେନ୍ଦ୍ର ସେସ, ଜିତେନ୍ଦ୍ର ବେହେରା, ସୁନିତା ଆଇନ୍ଦ, ପ୍ରଣବ କୁମାର ବେହେରା, ସନନ୍ଦ କୁମାର କୁଅଁର ପ୍ରମୁଖ ସାମିଲ ହୋଇଥିଲେ।

# କ୍ରଶର ସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧ

**ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)**

**ଗ୍ରାମବାସୀଙ୍କ ଜିଲାପାଳଙ୍କୁ ଦାବିପତ୍ର**

ଖୋର୍ଦ୍ଧା ତହସିଲ ତଥା ସଦର ଥାନା ଅଧୀନ ନନ୍ଦପୁର ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ସ୍ଥାପନ ହେବାକୁ ଥିବା ଦୁଇଟି ବୃହତ କ୍ରଶର ୟୁନିଟକୁ କେତେଜଣ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଜିଲାପାଳଙ୍କୁ ଲିଖିତଭାବେ କ୍ରଶର ସ୍ଥାପନ ବନ୍ଦ କରିବାକୁ ଦାବି କରିଛନ୍ତି। ଅଭିଯୋଗ ମୁତାବକ, ଏହି ଗ୍ରାମର ଦକ୍ଷିଣ ଦିଗ ଛତ୍ରମା ମୌଜାରେ ଥିବା ଚାଷଜମିରେ ଆମ୍ବ ବଗିଚା, ଚାଷୋପଯୋଗୀ ଜମି ଏବଂ ପୋଖରୀ ପାଖରେ ଆଇନକୁ ଉଲ୍ଲଂଘନ କରି ଦୁଇଟି ବୃହତକାୟ କ୍ରଶର ସ୍ଥାପନ କରାଯାଉଛି। ୨୦୧୩ ଜାନୁଆରୀ ୧୯ ତାରିଖରେ ଏକ ଗ୍ରାନାଇଟ କ୍ରଶର ସ୍ଥାପନକୁ ବିରୋଧକ୍ରମେ ଏହା ପରବର୍ତ୍ତୀ ସମୟରେ ବନ୍ଦ ହୋଇଥିଲା। ଏବେ ପୁଣି ଉକ୍ତ ଜାଗାରେ କଟକ ଅଞ୍ଚଳର ଜଣେ ବ୍ୟକ୍ତି କ୍ରଶର ସ୍ଥାପନ କରୁଥିବା ବେଳେ ଏହାକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ଭଡାଟିଆ ଗୁଣ୍ଡା ଲଗାଇ ହତ୍ୟା ଧମକ ଦିଆଯାଉଛି। ଏହି ମୌଜାରେ ଶ୍ରୀଜଗନ୍ନାଥଙ୍କ ପ୍ଲଟ ଏବଂ ପାଖରେ ଥିବା ଗୋଚର ଜମିକୁ ତାପଙ୍ଗ ଅଞ୍ଚଳର ଜଣେ ବ୍ୟକ୍ତି କ୍ରଶର ସ୍ଥାପନ କରୁଥିବା ବେଳେ ଏହାକୁ କେତେଜଣ ଗ୍ରାମବାସୀ ବିରୋଧ କରିବାରୁ ଅସମାଜିକ ଯୁବକଙ୍କ ମାଧ୍ୟମରେ ଗାଳିଗୁଲଜ ସହ ବୋମା ପକାଇ କିମ୍ବା ଗୁଳି କରି ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଉକ୍ତ ଅଞ୍ଚଳରେ ୨ଟି ବୃହତ ଷ୍ଟୋନ କ୍ରଶର ପରିଚାଳିତ ହେଲେ ଗ୍ରାମର ପରିବେଶ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା ସହ ବଡ ହାଇୱା, ଟ୍ରକ ଯାତାୟାତ ଦ୍ୱାରା ଗ୍ରାମ୍ୟ ରାସ୍ତା ନଷ୍ଟ ହେବ। ଚାଷଜମି ପ୍ରଭାବିତ ହେବ। କ୍ରଶର ଚାଲିଲେ, ଧୂଳି ଉଡି ପରିବେଶ ପ୍ରଦୂଷିତ ହେବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

